ଧରିତ୍ରୀ DHARITRI
ସମ୍ବଲପୁର, ଗୁରୁବାର, ୩ ନଭେମ୍ବର, ୨୦୨୨



## ସଂକ୍ଷେପରେ

### ଦୁର୍ନୀତି ନିବାରଣ ଦିବସ

ନାକଟିଦେଉଳ,୨।୧୧(ଡ଼ି.ଏନ.ଏ.): ନାକଟିଦେଉଳ ବ୍ଲକ ବଳମ ପଞ୍ଚାୟତ ମହୁକୁଦ ଗ୍ରାମର ସ୍ୱୟଂସହାୟକ ଗୋଷ୍ଠୀ ଆନୁକୂଲ୍ୟରେ ଦୁର୍ନୀତି ନିବାରଣ ଦିବସ ପାଳିତ ହୋଇଯାଇଛି। ସ୍ୱୟଂସହାୟିକା ଗୋଷ୍ଠୀ ମଞ୍ଚ (କ)ର ସଂଯୋଜିକା ପୁଷ୍ପାଞ୍ଜଳି ବେହେରା ଓ ମଞ୍ଚ (ଖ)ର ସଂଯୋଜିକା ସୌଦାମିନୀ ସାହୁଙ୍କ ପରିଚାଳନାରେ ଏହା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୮ଟି ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟା ଯୋଗଦେଇ ଦୁର୍ନୀତି ନିବାରଣ ପାଇଁ ଶପଥ ପାଠ କରିବା ସହ ପ୍ଲା କାର୍ଡ଼ ଧରି ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ଅବସରପ୍ରାପ୍ତ ପ୍ରଧାପକ ଡ଼. ଦୀପେନ କୁମାର ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ ଦୁର୍ନୀତିର କାରଣ ଓ ନିରାକରଣ ସମ୍ପର୍କରେ ଆଲୋଚନା କରି ଏ ଦିଗରେ ସମସ୍ତଙ୍କ ସହଯୋଗର ଆବଶ୍ୟକତା ଥିବା କହିଥିଲେ।

### ପଞ୍ଚାୟତ କାର୍ଯ୍ୟାଳୟ ଉଦ୍‌ଘାଟିତ

ନାକଟିଦେଉଳ,୨।୧୧(ଡ଼ି.ଏନ.ଏ.): ନାକଟିଦେଉଳ ବ୍ଲକ ଗୋଗୁଆ ପଞ୍ଚାୟତର ନୂତନ କାର୍ଯ୍ୟାଳୟ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଉଚ୍ଚ ଶିକ୍ଷାମନ୍ତ୍ରୀ ଇଂ ରୋହିତ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମନ୍ତ୍ରୀ ପୂଜାରୀ ଗୋଗୁଆ ଗ୍ରାମରେ ପହଞ୍ଚିବା ପରେ ଗ୍ରାମବାସୀ ଓ ଦଳୀୟ କର୍ମୀ ତାଙ୍କୁ ସ୍ୱାଗତ କରି ଶୋଭାଯାତ୍ରାରେ ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋଗୁଆ ସରପଞ୍ଚ ଧନେଶ୍ୱର ପ୍ରଧାନ, ସମିତିସଭ୍ୟ ଅମୂଲ୍ୟ ପ୍ରଧାନ, ଜୋନ-୨ ଜିଲାପରିଷଦ ସଭ୍ୟା ଟିକେଶ୍ୱରୀ ମେହେର, ବ୍ଲକ ବିଜେଡି ସଭାପତି ମୁଳିଆ ରାଉଳ, ବିଜେଡି ଜିଲା ଉପସଭାପତି ଅନାଦି ଚରଣ ସାହୁ ଉପସ୍ଥିତ ଥିଲେ।

### ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ନାକଟିଦେଉଳ,୨।୧୧(ଡ଼ି.ଏନ.ଏ.): ନାକଟିଦେଉଳ ବ୍ଲକ ବାଟଗାଁ ପଞ୍ଚାୟତ ହିତସରା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗଦାଧର ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଭାଲୁଗାଡ଼ିଆ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରସାନନ୍ଦ ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଏବିଇଓ ଚନ୍ଦ୍ରମଣି ବେହେରା ମୁଖ୍ୟଅତିଥି, ଜିଲା ଏନ୍‌ପିଏସ୍ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରମୋଦ କୁମାର ପ୍ରଧାନ ମୁଖ୍ୟବକ୍ତା ଓ ବାଟଗାଁ ସିଆର୍‌ସିସି ହରିଶ୍ଚନ୍ଦ୍ର ଦେହୁରି, ଗିରିଶ୍ଚନ୍ଦ୍ରପୁର ସିଆର୍‌ସିସି ଲୋକନାଥ ସାମଲ, ସାହେବୀ ସିଆର୍‌ସିସି ଅଜିତ କୁମାର ପ୍ରଧାନ, ନାକଟିଦେଉଳ ସିଆର୍‌ସିସି ମହେଶ୍ୱର ପ୍ରଧାନ, ଜାମୁଯୋରୀ ସିଆର୍‌ସିସି ମନୋରଞ୍ଜନ ସେଠ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅବସର ଗ୍ରହଣ କରିଥିବା ପ୍ରଧାନ ଶିକ୍ଷକ ସାହୁଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

### ବଳମରେ ଜାତୀୟ ଏକତା ଦିବସ

ନାକଟିଦେଉଳ,୨।୧୧(ଡ଼ି.ଏନ.ଏ.): ନାକଟିଦେଉଳ ବ୍ଲକ ବଳମ ଗ୍ରାମରେ ଜାତୀୟ ଏକତା ଦିବସ ପାଳିତ ହୋଇଯାଇଛି। ନେହେରୁ ଯୁବକେନ୍ଦ୍ର ସମ୍ବଲପୁର ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଗ୍ରାମର ବିଦ୍ୟାଳୟ, ଅଙ୍ଗନୱାଡ଼ି କେନ୍ଦ୍ର, ରାସ୍ତାପାର୍ଶ୍ୱ ଆଦି ସଫେଇ କରାଯାଇଥିଲା। ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମ ଦିବସ ଅବସରରେ ଯୁବକ ସଂଘ କର୍ମକର୍ତ୍ତା, ସରସ୍ୱତୀ ଶିଶୁ ମନ୍ଦିର, ବଳମ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ଉଚ୍ଚବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକଙ୍କ ଉପସ୍ଥିତିରେ ଜାତୀୟ ଏକତା ଦିବସ ପାଳନ କରାଯାଇଥିଲା। ସହକାରୀ ଶିକ୍ଷକ ସମୀର କୁମାର ସେଠୀଙ୍କ ପରିଚାଳନାରେ ଗଣଦୌଡ଼ ହୋଇଥିଲା।

### ଭୋଜପୁର ରେଞ୍ଜରେ ମା’ ଜଗଦ୍ଧାତ୍ରୀ ପୂଜା

ଜମନକିରା,୨।୧୧(ଡି.ଏନ.ଏ.): ଜମନକିରା ବ୍ଲକ ଭୋଜପୁର ବନ୍ୟପ୍ରାଣୀ ବନାଞ୍ଚଳ କାର୍ଯ୍ୟାଳୟରେ ବୁଧବାର ମା’ ଜଗଦ୍ଧାତ୍ରୀ ପୂଜା ଅନୁଷ୍ଠିତ ହୋଇଯାଇଛି। ପୂଜାରେ ରେଞ୍ଜର ଲକ୍ଷ୍ମୀନାରାୟଣ ନାଏକ ଓ ତାଙ୍କ ସହଧର୍ମିଣୀ କର୍ତ୍ତା ଭାବେ ବସିଥିବା ବେଳେ ପୂଜକ ନୀଳାଞ୍ଚଳ ପାଣିଗ୍ରାହୀ ପୂଜାର୍ଚ୍ଚନା କରିଥିଲେ। ଫରେଷ୍ଟର ହେମନ୍ତ ମିଶ୍ର, ସୁନୀତା ନାୟକ, ଫରେଷ୍ଟ ଗାର୍ଡ, ୱାଚର, ବନବିଭାଗ କର୍ମଚାରୀ ଓ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ରହି ମା’ଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ସନ୍ଧ୍ୟାରେ ପୁଷ୍ପାଞ୍ଜଳି ଅର୍ପଣ ସହ ପୂଜା ସମାପ୍ତି ହୋଇଥିଲା।

# ରାଜ୍ୟ ସରକାରଙ୍କ ବିରୋଧରେ ଆଇନଜୀବୀ

ସମ୍ବଲପୁର,୨।୧୧(ବ୍ୟୁରୋ)


କଚେରି ଛକରେ ଆଇନଜୀବୀମାନେ ।

ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ଆନ୍ଦୋଳନ ତେଜିଛି। ଏଥର ସିଧାସଳଖ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛି ସମ୍ବଲପୁର ଜିଲା ଓକିଲ ସଂଘ। ପୂର୍ବ ଘୋଷଣା ମୁତାବକ ସଂଘ କର୍ମକର୍ତ୍ତା ବୁଧବାର ରାଜ୍ୟ ସରକାରଙ୍କ ଅଫିସ ଓ କୋର୍ଟ ସମ୍ମୁଖରେ ପିକେଟିଂ କରି ପ୍ରତିବାଦ କରିଥିଲେ। ଫଳରେ ଜିଲାରେ ଆର୍‌ଡିସି ଅଫିସ, ଜିଲାପାଳଙ୍କ ଅଫିସ ସମେତ ସମସ୍ତ ସରକାରୀ ଅଫିସ ଓ କୋର୍ଟ ବନ୍ଦ ରହିଥିଲା। ପରେ ସେମାନେ କଚେରି ଛକରେ ରାସ୍ତା ଉପରେ ଧାରଣାରେ ବସିଥିଲେ। ବିଚାରପତିମାନେ କୋର୍ଟ କାର୍ଯ୍ୟରେ ଯୋଗଦାନ କରିବାକୁ ଆସିଥିଲେ ମଧ୍ୟ ରାସ୍ତା ଅବରୋଧ ଯୋଗୁ ଯାଇପାରି ନ ଥିଲେ। ବିଚାରପତିମାନେ ଓକିଲମାନଙ୍କୁ ବାଟ ଛାଡିବାକୁ ଅନୁରୋଧ କରିଥିଲେ, ହେଲେ ସେମାନେ ଜିଦ୍‌ରେ ରହିଥିଲେ। ପରେ ବିଚାରପତିମାନେ ଫେରି ଯାଇଥିଲେ। ସେହିପରି ଜିଲାପାଳଙ୍କ ଅଫିସ ସମ୍ମୁଖରେ ମହିଳା ଓକିଲମାନେ ପିକେଟିଂ କରିଥିଲେ। ଫଳରେ ଜିଲାପାଳଙ୍କ ଅଫିସ ବନ୍ଦ ରହିଥିଲା। ଜିଲାର ବ୍ଲକ ଓ ତହସିଲ ଅଫିସ ମଧ୍ୟ ବନ୍ଦ ରହିଥିଲା। ଆନ୍ଦୋଳନରେ ଜିଲା ଓକିଲ ସଂଘ ସଭାପତି ସୁରେଶ୍ୱର ମିଶ୍ର, ସାଧାରଣ ସମ୍ପାଦକ ସରୋଜ କୁମାର ସାହୁ, ସତ୍ୟନାରାୟଣ ପଣ୍ଡା, ପ୍ରଦୀପ ବହିଦାର, ଅତନୁ ଘୋଷ, ବିଜିତେନ୍ଦ୍ରିୟ ପ୍ରଧାନ, ଡ. ପ୍ରମୋଦ ରଥ, ଚନ୍ଦ୍ରକୁମାର ପୁରୋହିତ, ମନବୋଧ ପଣ୍ଡା, ରବିରଞ୍ଜନ ପୂଜାରୀ, ପ୍ରବିଣ ସିଂଦେଓ, ଅନୁପ ତରିଆ, ଆସଫ ଅଲ୍ଲିଖାନ ପ୍ରମୁଖ ଆଇନଜୀବୀ ସାମିଲ ଥିଲେ। କର୍ମକର୍ତ୍ତାଙ୍କ କହିବା କଥା ରାଜ୍ୟ ସରକାର ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ପୂର୍ଣ୍ଣାଙ୍ଗ ପ୍ରସ୍ତାବ କେନ୍ଦ୍ର ସରକାରଙ୍କୁ ପଠାଉ ନାହାନ୍ତି। ସରକାରଙ୍କ ଉଦାସୀନତାକୁ ନେଇ ଭୁବନେଶ୍ୱରରେ କିଛିଦିନ ତଳେ ଆନ୍ଦୋଳନ ହୋଇଥିଲା। ଏହି ସମୟରେ ରାଜ୍ୟ ସରକାରଙ୍କ ୩ଜଣ ମନ୍ତ୍ରୀ ଓ ଉଚ୍ଚ ପଦାଧିକାରୀଙ୍କ ଉପସ୍ଥିତିରେ ବୈଠକ ଅନୁଷ୍ଠିତ ହୋଇଥିଲା। ହେଲେ ରାଜ୍ୟ ସରକାର ପରବର୍ତ୍ତି କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଜିଲା ଓକିଲ ସଂଘ ଓ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ମିଳିତ ନିଷ୍ପତ୍ତି ଅନୁସାରେ ବୁଧବାର ଜିଲା ଓକିଲ ସଂଘ ଆନ୍ଦୋଳନକୁ ଓହ୍ଲାଇଥିଲା।

**ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରସଙ୍ଗ**

## ସରପଞ୍ଚମାନଙ୍କ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ

ଝାରସୁଗୁଡ଼ା ଅଫିସ,୨।୧୧

ନବ ନିର୍ବାଚିତ ସରପଞ୍ଚମାନଙ୍କ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହେଇଛି। ଏଥିରେ ଜିଲାପାଳ ସରୋଜ କୁମାର ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ପଞ୍ଚାୟତିରାଜ ବ୍ୟବସ୍ଥାରେ ସରପଞ୍ଚମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ନିଜ ପଞ୍ଚାୟତକୁ ବିକଶିତ କରିବା ସହ ଜିଲାକୁ ପ୍ରଗତି ପଥରେ ଆଗେଇ ନେବାକୁ ଜିଲାପାଳ ଆହ୍ୱାନ ଦେଇଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତପିରାମ ମାଝି ପ୍ରଶିକ୍ଷଣର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ନଭେମ୍ବର ୧ରୁ ୫ପର୍ଯ୍ୟନ୍ତ ଲଖନପୁର ଓ କିର୍ମିରା ବ୍ଲକର ନବ ନିର୍ବାଚିତ ସରପଞ୍ଚମାନେ ପ୍ରଶିକ୍ଷଣ ନେଉଛନ୍ତି। ଜିଲା ପଞ୍ଚାୟତ ଅଧିକାରୀ ଅମ୍ବରିଷ ରଥ, ଜିଲା ପରିଷଦ ଯୋଜନା ପରିଚାଳିକା (ପ୍ରଶିକ୍ଷଣ) ସୋମାନୀ ସାହୁ ଓ ଲଖନପୁର ଏବିଡିଓ ଗୋପାଳକୃଷ୍ଣ ମିଶ୍ର ପ୍ରମୁଖ ସରକାରୀ ଯୋଜନାର ସଫଳ ରୂପାୟନରେ ସରପଞ୍ଚମାନଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ମମତା ତ୍ରିପାଠୀ ଓ ଗୋବର୍ଦ୍ଧନ ମହାନନ୍ଦ ପ୍ରଶିକ୍ଷକ ଭାବେ ଯୋଗଦାନ କରିଛନ୍ତି।

## ବୃହତ ଆଦର୍ଶ ପଦ୍ୟାବଳୀ ପୁସ୍ତକ ଉନ୍ମୋଚିତ

ସମ୍ବଲପୁର,୨।୧୧(ବ୍ୟୁରୋ)

ବୃହତ ଆଦର୍ଶ ପଦ୍ୟାବଳୀ ଓ ମା’ ପୁସ୍ତକ ବୁଧବାର ସମ୍ବଲପୁରସ୍ଥିତ ଚିତ୍ରଗୁପ୍ତ କଲ୍ୟାଣ ସଂଘ ସଭାକକ୍ଷରେ ଉନ୍ମୋଚିତ ହୋଇଯାଇଛି। ଦିବ୍ୟଦର୍ଶନ ଗୀତା ସଂଘ ପକ୍ଷରୁ କାର୍ଯ୍ୟକ୍ରମ ହୋଇଥିଲା। ସରକାରୀ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ଶଶାଙ୍କ ଶେଖର ନନ୍ଦ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସଂଘ ସଭାନେତ୍ରୀ ସାବିତ୍ରୀ ମେହେରଙ୍କ ପୌରୋହିତ୍ୟରେ ଉତ୍ସବ ହୋଇଥିଲା। ଅବସରପ୍ରାପ୍ତ ପୋଷ୍ଟମାଷ୍ଟର ଗୋକୁଳ ଚନ୍ଦ୍ର ସାହୁ, ଲକ୍ଷ୍ମଣ ପଟେଲ, ଅରବିନ୍ଦ ମହାପାତ୍ର, ଗୋପୀନାଥ ଷଡ଼ଙ୍ଗୀ, ସବିତା ମିଶ୍ର, ସୁଶାନ୍ତ ପଣ୍ଡା ସମ୍ମାନିତ ଅତିଥି ଥିଲେ। ଇନ୍ଦ୍ରଣୀ ସାହୁ ଧନ୍ୟବାଦ ଦେଇଥିଲେ।

## ‘ବିକାଶ ପାଇଁ ପଦକ୍ଷେପ ନିଆଯାଉଛି’

ନାକଟିଦେଉଳ,୨।୧୧(ଡି.ଏନ.ଏ.)


ବୈଠକରେ ଉପସ୍ଥିତ ଲୋକପ୍ରତିନିଧି ଓ ଅଧିକାରୀ।

ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡ଼ିଓ ବିବେକାନନ୍ଦ ସାହୁ ଅଧ୍ୟକ୍ଷତା କରିଥିଲେ। ଉଚ୍ଚଶିକ୍ଷା ମନ୍ତ୍ରୀ ତଥା ରେଢାଖୋଲ ବିଧାୟକ ରୋହିତ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ନାକଟିଦେଉଳ ବ୍ଲକର ସାମଗ୍ରିକ ବିକାଶ ପାଇଁ ସରକାର ସବୁ କ୍ଷେତ୍ରରେ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ପ୍ରକାଶ କରିଥିଲେ। ଏହାସହ ଅଞ୍ଚଳର ରାସ୍ତାଘାଟ, ପାନୀୟ ଜଳ ଆଦି ସମସ୍ୟା କିଭଳି ସମାଧାନ ହୋଇପାରିବ ସେ ନେଇ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏ ଦିଗରେ ସମସ୍ତ ପଞ୍ଚାୟତ ପ୍ରତିନିଧିଙ୍କ ସହଯୋଗ କାମନା କରିଥିଲେ। ପଞ୍ଚାୟତ ପ୍ରତିନିଧିମାନେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, କୃଷି, ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ସ୍ୱରୁପାରାଣୀ ସାହୁ, ଜିଲାପରିଷଦ ସଭ୍ୟା ଟିକେଶ୍ୱରୀ ମେହେର, ପ୍ରିୟମ୍ବଦା ସାହୁ, ତହସିଲଦାର ସୁକାନ୍ତ କୁମାର ନାଏକ, ବ୍ଲକ ଉପାଧ୍ୟକ୍ଷ ଜିତେନ୍ଦ୍ରିୟ ପ୍ରଧାନ, ଏମ୍‌ପିଙ୍କ ପ୍ରତିନିଧି ପ୍ରମୋଦ କୁମାର ସାହୁ, ଅତିରିକ୍ତ ବିଡ଼ିଓ ବିଦ୍ୟାଧର ରାଉତରାୟ, ଜିପିଇଓ ଅଶୋକ କୁମାର ଟାଲି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନ୍ୟପକ୍ଷେ ଗିରିଶ୍ଚନ୍ଦ୍ରପୁର, ସାହେବୀ ଓ ସାଲେଭଟା ପଞ୍ଚାୟତ ପ୍ରତିନିଧି ବିଭିନ୍ନ ସମସ୍ୟା ନେଇ ହୋହଲ୍ଲା କରିଥିବା ଦେଖିବାକୁ ମିଳିଥିଲା।

**ନାକଟିଦେଉଳ ପଞ୍ଚାୟତ ସମିତି ବୈଠକ**

## ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ କ୍ରୀଡ଼ା ପ୍ରତିଯୋଗିତା

ରେଢ଼ାଖୋଲ,୨।୧୧(ଡି.ଏନ.ଏ.)

ରେଢ଼ାଖୋଲ ବ୍ଲକ ଚାରମାଳ ଖେଳପଡିଆଠାରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଦ୍ୟାଳୟର ଶତାଧିକ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଦୌଡ, ଚିତ୍ରାଙ୍କନ, ଜିଲାପି ରେସ୍, ମ୍ୟୁଜିକ ଚେୟାର, ନୃତ୍ୟ ଆଦି ପ୍ରତିଯୋଗିତା ହୋଇଥିଲା। ଏବିଇଓ ନରୋତ୍ତମ ପୁରୋହିତ ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାକୁ ପ୍ରମୋଦ କୁମାର ସେଠୀ ଓ ଈଶ୍ୱର ଚନ୍ଦ୍ର ପ୍ରଧାନ ପରିଚାଳନା କରିଥିଲେ। ସିଆରସିସି ରାମଚନ୍ଦ୍ର ବିଶ୍ୱାଳ, ମନମୋହନ ହୋତା, ସୁବ୍ରତ ଭୋଇ, ଚାରମାଳ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସତ୍ୟଭାମା ମହାଲିକ ପ୍ରମୁଖ ଯୋଗଦେଇ ଛାତ୍ରୀ ଛାତ୍ରଙ୍କୁ ଉତ୍ସାହିତ କରିଥିଲେ।


ଅତିଥିଙ୍କ ଗହଣରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ର।

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ

ରାଉରକେଲା ଅଫିସ,୨।୧୧

ରାଉରକେଲା ଉଦିତନଗର ସ୍ଥିତ ଆଇଟିଡିଏ ହଲ ପରିସରରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ବୁଧବାର ପାଳିତ ହୋଇଛି। ଜିଲା ପ୍ରଶାସନ ଓ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପଶ୍ଚିମାଞ୍ଚଳ ଡିଆଇଜି ନୀତିଶେଖର ମୁଖ୍ୟ ଅତିଥି, ରାଉରକେଲା ଅତିରିକ୍ତ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର, ଏସ୍‌ପି ମୁକେଶ କୁମାର ଭାମୁ, ଭିଜିଲାନ୍ସ ଏସ୍‌ପି ଦେବନାରାୟଣ ଦାସ, ପାନପୋଷ ଉପଜିଲାପାଳ ଅଭିମନ୍ୟୁ ମାଝୀ, ସରକାରୀ ଆଇନ ମହାବିଦ୍ୟାଳୟ ଅଧ୍ୟକ୍ଷ ଡକ୍ଟର ଦେବେନ୍ଦ୍ର ନାଥ ବେହେରା, ଅତିରିକ୍ତ ଭିଜିଲାନ୍ସ ଡିଏସ୍‌ପି ବିମଳେନ୍ଦୁ ଶତପଥୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଦୁର୍ନୀତି ନିବାରଣ ପାଇଁ ଆମ ଦେଶରେ ବିଭିନ୍ନ ଆଇନ ରହିଛି। ତେଣୁ ଜନସାଧାରଣ ଏହି ଏହିସବୁ ଆଇନ ବିଷୟରେ ଜାଣି ସଜାଗ ହେଲେ ଦେଶ ପ୍ରଗତି ପଥରେ ଆଗେଇବ ବୋଲି ଭିଜିଲାନ୍ସ ଏସ୍‌ପି ଦାସ ମତପ୍ରକାଶ କରିଥିଲେ। ଏହି ଅବସରରେ ଏକ ଜନସଚେତନତା ଶୋଭାଯାତ୍ରା ଓ ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦୁର୍ନୀତି ନିବାରଣ ଉପରେ ପ୍ରତିଯୋଗିତା ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଫଟିମା ଏକ୍କା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଭିଜିଲାନ୍ସ ଡିଏସ୍‌ପି କାଦମ୍ବିନୀ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## କୁଚିଣ୍ଡା ମେଡିକାଲରେ ସଫେଇ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ସହ ଅତିଥିମାନେ।

କୁଚିଣ୍ଡା,୨।୧୧(ଡି.ଏନ.ଏ.)

କୁଚିଣ୍ଡା ଉପଖଣ୍ଡ ଚିକିତ୍ସାଳୟଠାରେ ବୁଧବାର କାୟାକଳ୍ପ ଯୋଜନାରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚିକିତ୍ସାଳୟ ଅଧୀକ୍ଷକ ଡା. ସୁବୋଧ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ କୁଚିଣ୍ଡା କଲେଜ ଅଧ୍ୟକ୍ଷ ଶ୍ରୀକାନ୍ତ ପଟେଲ, ଅଧ୍ୟାପକ ଦିଲୀପ ନନ୍ଦ, ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ବେଲମତୀ କୁମୁରା, ଏନ୍‌ସିସି ଅଫିସର ଟିକେଶ୍ୱର ଘୁଗର ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଚିକିତ୍ସାଳୟ ପରିଚାଳକ ଦୀପକ ନନ୍ଦ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ବରିଷ୍ଠ ଡାକ୍ତର କ୍ଷେତ୍ରମୋହନ କାଣ୍ଡ, ଷ୍ଟାଫ୍‌ନର୍ସ କ୍ରିଷ୍ଣାରାଣୀ ଦାସ ସୁସ୍ଥ ଶରୀରର ଯତ୍ନ ବିଷୟରେ ଆଲୋଚନା କରିଥିଲେ। ପରେ ହର୍ବାଲ ଗାର୍ଡେନ ସୃଷ୍ଟି ଉଦ୍ଦେଶ୍ୟରେ ଚିକିତ୍ସାଳୟ ପଛପଟେ ଅବ୍ୟବହୃତ ଜାଗା ସଫେଇ କରାଯାଇଥିଲା। ଶରତ ଚନ୍ଦ୍ର ଦେହୁରି, ସୌମ୍ୟ ରଞ୍ଜନ ପଟେଲ ଓ ଲିପ୍ସା କୁମୁରାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମନୋଜ ପଟେଲ, କୁମୁଦିନୀ ପିଙ୍ଗ, ଜିଜ୍ଞାସା ସାହୁ, ବର୍ଷାରାଣୀ ଗୌଡ଼, ପିଙ୍କି ବାଗ, ପବନ ପୂଜାରୀ, ରାକେଶ ପରୁଆ ଉପସ୍ଥିତ ଥିଲେ।

## ବିଜେଡିର ଜନସମ୍ପର୍କ ପଦଯାତ୍ରା

ଝାରସୁଗୁଡ଼ା ଅଫିସ,୨।୧୧

ଝାରସୁଗୁଡା ବିଜେଡିର ଜନସମ୍ପର୍କ ପଦଯାତ୍ରା ବୁଧବାର ଝଣ୍ଡା ଛକରୁ ବାହାରି କାଳିମନ୍ଦିର ରୋଡ ରାଉତରାୟ ବଗିଚାରେ ପହଞ୍ଚିଥିଲା। ସେଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଓ ନିର୍ମଳ ଶାସନ ରାଜ୍ୟକୁ ବିକାଶଧାରାରେ ଆଗେଇ ନେଉଥିବାବେଳେ ରାଜ୍ୟବାସୀଙ୍କ ସମର୍ଥନ ମୁଖ୍ୟମନ୍ତ୍ରୀ ଓ ବିଜେଡି ପ୍ରତି ରହିଛି ବୋଲି କହିଥିଲେ। ପଦଯାତ୍ରାରେ ଦୀପାଳୀ ଦାସ, ପୌରାଧକ୍ଷା ରାନୀ ହାତୀ, ଉପାଧକ୍ଷ ବେଣୁ ଗୋପାଳ ପାଣିଗ୍ରାହୀ, ଟାଉନ ସଭାପତି ସନ୍ଦିପ ଅବସ୍ତି, ତାପସ ରାୟ ଚୌଧୁରୀ, ରବି ସିଂ, ରଘୁମଣୀ ପଟେଲ, ହରିଶ ଗଣତ୍ରା, ପି ରାମମୋହନ ରାଓ, ପିଣ୍ଟୁ ପାଢ଼ୀ, ପ୍ରତାପ ନନ୍ଦ, ଗୋବିନ୍ଦ ସିଂହାନିଆ, ସିଦ୍ଧାର୍ଥ ସରକାର ପ୍ରମୁଖ ସାମିଲ ହୋଇଥିଲେ।

## କୈଶୋର ସ୍ୱାସ୍ଥ୍ୟ ଓ ବିଶ୍ୱ ମସ୍ତିଷ୍କାଘାତ ଦିବସ

ଜମନକିରା,୨।୧୧(ଡି.ଏନ.ଏ.)

ଜମନକିରା ବ୍ଲକ ଭୋଜପୁର ସ୍ୱାସ୍ଥ୍ୟ ଉପକେନ୍ଦ୍ର ତରଫରୁ ଡା. ଶରତ କୁମାର ଦେହୁରିଙ୍କ ତତ୍ତ୍ୱାବଧାନରେ ପ୍ରାଥମିକ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ସଭାଗୃହରେ କୈଶୋର ସ୍ୱାସ୍ଥ୍ୟ ଓ ବିଶ୍ୱ ମସ୍ତିଷ୍କାଘାତ ଦିବସ ପାଳିତ ହୋଇଯାଇଛି। ଏହି ସଭାରେ ଡାକ୍ତରଖାନାର ସମସ୍ତ କର୍ମଚାରୀ, ସ୍ୱାସ୍ଥ୍ୟ ଉପକେନ୍ଦ୍ରର ପୁରୁଷ, ମହିଳା ସ୍ୱାସ୍ଥ୍ୟକର୍ମୀ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଡା. ଦେହୁରି ଛାତ୍ରୀଛାତ୍ରଙ୍କୁ କୈଶୋର ଅବସ୍ଥାରେ ହେଉଥିବା ବିଭିନ୍ନ ପରିବର୍ତ୍ତନ, ସ୍ୱାସ୍ଥ୍ୟଯତ୍ନ ଏବଂ ମସ୍ତିଷ୍କାଘାତର କାରଣ ଓ ପ୍ରତିକାର ବିଷୟରେ ଆଲୋକପାତ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲ। ବିଭିନ୍ନ ଗ୍ରାମରୁ ଆସିଥିବା ବୟସ୍କ ବ୍ୟକ୍ତିଙ୍କ ରକ୍ତଚାପ ଓ ସୁଗାର ପରୀକ୍ଷା କରାଯାଇଥିଲା। ଶେଷରେ ସିଏଚ୍‌ଓ ଗିରିଧାରୀ ବାଘ ଧନ୍ୟବାଦ ଦେଇଥିଲେ।



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

## ମା’ ବନଦୁର୍ଗାଙ୍କ ଅନ୍ଧାରୀ ଯାତ୍ରା ସମ୍ପନ୍ନ

ଝାରସୁଗୁଡ଼ା ଅଫିସ,୨।୧୧

ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ୍ ଅନ୍ଧାରୀ ପାହାଡ ଶିଖରରେ ପୂଜା ପାଉଥିବା ମା’ ଅନ୍ଧାରୀ ବନଦୁର୍ଗାଙ୍କ ଯାତ୍ରା ବୁଧବାର ଶେଷ ହୋଇଛି। ବଣପାହାଡ ଘେରା ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଏହି ସ୍ଥାନ। ଏହାକୁ ସୁରକ୍ଷା ଦେବାପାଇଁ ସ୍ଥାନୀୟ ଅଞ୍ଚଳର ପରିବେଶବିତ୍ ସ୍ୱର୍ଗତ ଡ. ଧ୍ରୁବରାଜ ନାୟକଙ୍କ ଉଦ୍ୟମରେ ଅଞ୍ଚଳର କେତେକ ବନସୁରକ୍ଷା ସମିତିକୁ ନେଇ ମା’ଙ୍କ ନିକଟରେ କାର୍ତ୍ତିକ ମାସ ଅଷ୍ଟମୀ ଓ ନବମୀ ତିଥିରେ ଯାତ୍ରା ଅନୁଷ୍ଠିତ ହେଉଥିଲା। ତାଙ୍କ ଦେହାନ୍ତ ପରେ ଏବେ ସୁଜିତ କୁମାର ନାୟକଙ୍କ ନେତୃତ୍ୱରେ ଯାତ୍ରା ଆୟୋଜିତ ହେଉଛି। କାର୍ତିକ ମାସ ଅଷ୍ଟମୀ ତିଥିରେ ମା’ଙ୍କ ଅନ୍ଧାରୀ ପାହାଡ ଯାତ୍ରା ହୋଇଥାଏ। ଚଳିତବର୍ଷ ଅଷ୍ଟମୀ ତିଥିରେ ସହସ୍ରାଧିକ ଶ୍ରଦ୍ଧାଳୁ ମନସ୍କାମନା ପାଇଁ ପାହାଡ ଚଢି ମା’ଙ୍କ ନିକଟରେ ପୂଜା କରିଥିଲେ। ଏହି ଅବସରରେ ଜଙ୍ଗଲ ସୁରକ୍ଷା ନେଇ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା । ଏଥିରେ ଯାତ୍ରା କମିଟି ଓ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସାମିଲ ହୋଇଥିଲେ। ସେହିପରି ନବମୀ ତିଥିରେ ପାହାଡ ପାଦଦେଶରେ ଥିବା ପାକେଲଖୋଲ-କୁଅଁରମାଲ ଗ୍ରାମ ନିକଟରେ ମା’ଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ କର୍ତ୍ତା ଭାବେ ଆବିଷ୍କାର ନାୟକ, ପୂଜକ ଭାବେ ସଞ୍ଜୀବ ପୁରୋହିତ, ଦ୍ୱାରିକା ପ୍ରସାଦ ପୁରୋହିତ ଓ ନବୀନ ତ୍ରିପାଠୀ ପ୍ରମୁଖ କାର୍ଯ୍ୟ ସମ୍ପାଦନା କରିଥିଲେ। ୨ଦିନ ଧରି ଯାତ୍ରାରେ ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ଜିଲା ପୋଲିସ୍ ପ୍ରଶାସନ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଏସ୍‌ପି ରାହୁଲ ଜୈନ ଯାତ୍ରା ପରିଦର୍ଶନ କରିଥିବାବେଳେ ଏସ୍‌ଡିପିଓ ନିର୍ମଳ ମହାପାତ୍ର, ଆଇଆଇସି ସୁକୁମାର ତ୍ରିପାଠୀ, ଆଇଆଇସି ପ୍ରବୀର କେଶରୀ ତ୍ରିପାଠୀଙ୍କ ସମେତ ଯବାନମାନେ ମୁତୟନ ହୋଇଥିଲେ ।


ଯାତ୍ରାରେ ଶ୍ରଦ୍ଧାଳୁଙ୍କ ସମାଗମ ।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୩ ନଭେମ୍ବର, ୨୦୨୨



## ୨୦କେଜି ଗଞ୍ଜେଇ ଜବତ

ଟିଟିଲାଗଡ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଟିଟିଲାଗଡ଼ ଥାନା ପାଟ୍ରୋଲିଂ ପୋଲିସ ଏକ ବାଇକରେ ଗଞ୍ଜେଇ ଚାଲାଣ ବେଳେ ଦରଲୋ ଗାଁ ନିକଟରେ ଜବତ କରିଛି। ବାଇକକୁ ଜବତ କରିବା ସହ ଚାଳକ ଧରା ପଡିଛନ୍ତି। ସେ ହେଲେ ରଣାବନ୍ଦ ଗାଁର ଦଶରଥ ଦୋରା। ଦଶରଥ ଜିଲା ବାହାରୁ ଗଞ୍ଜେଇ ଆଣୁଥିବା ପୋଲିସକୁ କହିଛନ୍ତି। ଟିଟିଲାଗଡ଼ ତହସିଲଦାର ଦାୟିତ୍ୱରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନବୀନ ନାୟକ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଓଜନ ପରେ ୨୦କେଜି ୫ ୦୦ ଗ୍ରାମ ଗଞ୍ଜେଇ ଥିବା ଜଣା ପଡିଥିଲା।

### ସଂକ୍ଷେପରେ

## ମାରଣାନ୍ତକ ଆକ୍ରମଣ, ୪ ଆହତ

ବେଲପଡା, ୨।୧୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ବେଲପଡା ଥାନା ସିହିନୀ ଗ୍ରାମରେ ପୂର୍ବ ଶତ୍ରୁତାକୁ ନେଇ ଜଣେ ମହିଳାଙ୍କୁ ମାରଣାନ୍ତକ ଆକ୍ରମଣ ହୋଇଛି। ମହିଳାଙ୍କୁ ଉଦ୍ଧାର କରିବାକୁ ଯାଇ ତାଙ୍କ ଶାଶୁ, ଶଶୁର, ଦିଅର ମଧ ଆକ୍ରମଣର ଶିକାର ହୋଇଛନ୍ତି। ଆକ୍ରମଣର ଶିକାର ମହିଳା ଶୁଭକାନ୍ତି ରଣାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(୧୮୬/୨୨) ରୁଜୁ କରିଛି। ଅଭିଯୋଗକାରୀଙ୍କ କହିବାମତେ ଗତ ପଞ୍ଚାୟତ ନିର୍ବାଚନ ସମୟରେ ତାଙ୍କ ସ୍ୱାମୀ ତେଜୁ ରଣା ସ୍ଥାନୀୟ ପଞ୍ଚାୟତର ବିଜୟୀ ସରପଞ୍ଚଙ୍କ ସପକ୍ଷରେ ଥିଲେ। ପରାଜିତ ପ୍ରାର୍ଥୀଙ୍କ ସପକ୍ଷରେ ସେହି ଗାଁର ଗୌର ରଣା ଓ ବସନ୍ତ ରଣା ଥିଲେ। ତୁମ ସ୍ୱାମୀ ପାଇଁ ଆମ ପ୍ରାର୍ଥୀ ହାରିଲେ ବୋଲି କହି ଉଭୟେ ତାଙ୍କୁ ଗାଳିଗୁଲଜ କରିଥିଲେ । ଏତେଦିନ ବତି ଯାଇଥିଲେ ମଧ ସେମାନଙ୍କ ରାଗ କମି ନ ଥିଲା। ମଙ୍ଗଳବାର ଅଭିଯୁକ୍ତମାନେ ହଠାତ୍ ତାଙ୍କ ଘରକୁ ଆସି ତାଙ୍କ ସ୍ୱାମୀଙ୍କୁ ଖୋଜିଥିଲେ। ସେ ଘରେ ନ ଥିବାରୁ କ୍ରୋଧିତ ହୋଇ ଶୁଭକାନ୍ତିଙ୍କୁ ଏକ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ତାଙ୍କ ଚିତ୍କାର ଶୁଣି ଶାଶୁ, ଶ୍ୱଶୁର ଓ ଦିଅର ସେଠାକୁ ଚାଲି ଆସିବାରେ ସେମାନେ ବି ଆକ୍ରମଣର ଶିକାର ହୋଇଥିଲେ। ଏହାପରେ ସେଠାରୁ ଗୌର ଓ ବସନ୍ତ ପଳାଇ ଯାଇଥିଲେ। ସାହି ପଡିଶା ଶୁଭକାନ୍ତି, ତାଙ୍କ ଶାଶୁ ଶିଳାବତୀ, ଶ୍ୱଶୁର ଅନଭି ରଣା, ଦିଅର ଯଦୁ ରଣାଙ୍କୁ ସ୍ଥାନୀୟ ଡାକ୍ତରଖାନା ନେଇଥିଲେ। ବେଲପଡା ଥାନା ପୋଲିସ ଏହି ମାମଲାରେ ଗୌର ରଣାଙ୍କୁ ଗିରଫ କରିଛି। ବସନ୍ତ ରଣା ଫେରାର ହୋଇଯାଇଛନ୍ତି। ଖୁବଶୀଘ୍ର ତାଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି।

## ନିଜାମାବାଦରେ ଦାଦନ ଯୁବକ ମୃତ

କୋକସରା,୨।୧୧(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ମୂଷାପାଲି ପଞ୍ଚାୟତ ବଗଡ଼ିଆପଡ଼ାର ଜଣେ ଦାଦନ



ଶ୍ରମିକଙ୍କ ହାଇଦ୍ରାବାଦର ନିଜାମାବାଦରେ ଟ୍ରାକ୍ଟର ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ମୃତକ ହେଲେ ଚନ୍ଦ୍ରମଣି ରାଉତ (୨୭)। ମୃତଦେହ ଆଣିବାକୁ ବୁଧବାର ପରିବାର ଲୋକ ନିଜାମାବାଦ ଯାଇଥିବା ସୂଚନା ମିଳିଛି। ସୂଚନାନୁଯାୟୀ, ମୂଷାପାଲି ପଞ୍ଚାୟତ ବଗଡ଼ିଆପଡ଼ାର ଚନ୍ଦ୍ରମଣି ଗତ ରବିବାର ଦାଦନ ଖଟିବାକୁ ଆନ୍ଧ୍ରପ୍ରଦେଶର ହାଇଦ୍ରାବାଦର ନିଜାମାବାଦ ଯାଇଥିଲେ। ଯିବାର ୨ ଦିନ ପରେ ପୁଅର ମୃତ୍ୟୁ ଖବର ଆସିଛି। ସେଠାରେ ଟ୍ରାକ୍ଟର ଓଲଟିବା ଫଳରେ ଚାପି ହୋଇ ଚନ୍ଦ୍ରମଣିଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ରୋଜଗାରିଆ ପୁଅର ମୃତ୍ୟୁ ଖବର ପାଇ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି।

## ୩ ଦୋକାନରୁ ଲକ୍ଷାଧିକ ସାମଗ୍ରୀ ଚୋରି

ଗୋଲାମୁଣ୍ଡା,୨।୧୧(ଡି.ଏନ.ଏ.): କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ କେଗାଁ ଥାନା ଟିଙ୍ଗିପଦର ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତ୍ରିରେ ଦୁଇଟି ଦୋକାନ ଓ ଚହକା ଗ୍ରାମର ଗୋଟିଏ ଦୋକାନରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ୩ଟି ଦୋକାନରୁ ସମାନ ଭାବେ ତାଲା ଭାଙ୍ଗି ଚୋରି ହୋଇଥିବା ଦେଖିବାକୁ ମିଳିଛି। ଘଟଣାସ୍ଥଳରେ କେଗାଁ ଥାନା ଆଇଆଇସି ପ୍ରଶାନ୍ତ କୁମାର କୋଲାହାରସ ତଦନ୍ତ ଆରମ୍ଭ କରିଛନ୍ତି। ପରବର୍ତ୍ତୀ ସମୟରେ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ଜରିଆରେ ତଦନ୍ତ କରିଥିଲେ। ଟିଙ୍ଗିପଦର ଗ୍ରାମର ପୂର୍ଣ୍ଣଚନ୍ଦ୍ର ସେଠିଆଙ୍କ କମ୍ପ୍ୟୁଟର ଦୋକାନରୁ ଏକ କମ୍ପ୍ୟୁଟର ସାମଗ୍ରୀ ସହିତ ପ୍ରିଣ୍ଟର ଓ ଆନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଛି। ଯାହାର ଆନୁମାନିକ ମୂଲ୍ୟ ଦେଢ଼ ଲକ୍ଷ ଟଙ୍କା ହେବ। ଏହି ଗ୍ରାମର ଦିବ୍ୟରଞ୍ଜନ ମାଝିଙ୍କ ରାସନ ଦୋକାନରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଛି। ସେହିପରି ଚହକା ଗ୍ରାମର ଈଶ୍ୱର ଚନ୍ଦ୍ର ବିଶ୍ୱାଳଙ୍କ କପଡା ଦୋକାନରୁ ମଧ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦୋକାନରୁ ଚୋରମାନେ ଲକ୍ଷାଧିକ ଟଙ୍କାର ଦାମୀ ସମ୍ବଲପୁରୀ ଶାଢ଼ୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଗତ ୬ ମାସ ତଳେ ଗୋଲାମୁଣ୍ଡା ବ୍ଲକରେ ବିଭିନ୍ନ ଗ୍ରାମରେ ଚୋରି ଡକାୟତି ହୋଇଥିବା ବେଳେ ଏହି ଘଟଣାର ମୁଖ୍ୟଙ୍କୁ ପୋଲିସ କୋର୍ଟ ଚଲାଣ କରିଥିବା ବେଳେ ବର୍ତ୍ତମାନ ପୁଣି ଚୋରି ହୋଇଥିବାରୁ ଲୋକେ ଚିନ୍ତାରେ ଅଛନ୍ତି। ଏହି ଚୋର ଦଳକୁ ତୁରନ୍ତ ଧରିବାକୁ ସଧାରଣରେ ଦାବି ହେଉଛି।

# ଉଦ୍ଧାର ଭିତରେ ଲୁଟ୍ ଖେଳ

ବଲାଙ୍ଗୀର ଅଫିସ, ୨।୧୧

**ପୋଲିସ ବାବୁ ଦାଦନ ସର୍ଦ୍ଦାରଙ୍କଠାରୁ ଟଙ୍କା ନେବା ଭିଡିଓ ଭାଇରାଲ**

- କଣ୍ଟାବାଞ୍ଜି ପୋଲିସ ଏସ୍‌ଡିପିଓ ପୂର୍ବରୁ ନିଲମ୍ବିତ ହୋଇଛନ୍ତି
- ମଦ ମାମଲାରେ ବି ନିଲମ୍ବିତ ହୋଇଛନ୍ତି ୩ କନ୍‌ଷ୍ଟେବଲ

ତେଲଙ୍ଗନାର ଇଟାଭାଟି ମାଲିକ ଓ ଦାଦନ ସର୍ଦ୍ଦାରଙ୍କୁ ଜୁଆଡି ଦର୍ଶାଇ ଲକ୍ଷାଧିକ ଟଙ୍କା ଲୁଟ୍ ଘଟଣାରେ ବଲାଙ୍ଗୀର ପୋଲିସ ବଦ୍‌ନାମ ହୋଇଥିଲା। ଏହି ଘଟଣାରେ ତତ୍କାଳୀନ କଣ୍ଟାବାଞ୍ଜି ଏସ୍‌ଡିପିଓ ନିଲମ୍ବିତ ହୋଇଥିଲେ। ଏହି ଘଟଣା ମନରୁ ଲିଭି ନଥିବାବେଳେ ତୁରେକେଲା ଥାନାର ସବ୍‌ଇନ୍ସପେକ୍ଟର ଦୀପକ ଡୁଙ୍ଗଡୁଙ୍ଗ ଦାଦନ ସର୍ଦ୍ଦାର ନରେନ୍ଦ୍ର ବଛାଙ୍କଠାରୁ ୧୨ହଜାର ଟଙ୍କା ନେବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହି ଭିଡିଓ ଭାଇରାଲ ହେବା ପରେ ଏସ୍‌ପି ନୀତିନ କୁଲଶକର ସମ୍ପୃକ୍ତ ସବ୍‌ଇନ୍ସପେକ୍ଟର ଡୁଙ୍ଗଡୁଙ୍ଗଙ୍କୁ ତୁରେକେଲା ଥାନାରୁ ଜିଲା ପୋଲିସ କାର୍ଯ୍ୟାଳୟକୁ ବଦଳି କରିଛନ୍ତି। ଏହି ଘଟଣାର ତଦନ୍ତ ହେବ ଓ ରିପୋର୍ଟ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିଛନ୍ତି। କିଛିଦିନ ତଳେ ବଲାଙ୍ଗୀର ଟାଉନ୍ ଥାନାର ୩ଜଣ ପୋଲିସ କନ୍‌ଷ୍ଟେବଲ ଜବତ ମଦକୁ ବିକ୍ରି କରିଦେଇଥିବା ଜଣାପଡିଥିଲା। ଏହି ଖବର ଜାଣିବା ପରେ ଏସ୍‌ପି କୁଶଲକର ସମ୍ପୃକ୍ତ କନ୍‌ଷ୍ଟେବଲଙ୍କୁ ଚାକିରିରୁ ନିଲମ୍ବିତ କରିଥିଲେ। ମାତ୍ର ଅଳ୍ପ ଦିନ ଭିତରେ ଏହି ତିନିଘଟଣା ବଲାଙ୍ଗୀର ଜିଲା ପୋଲିସର ଛବିକୁ ବିଗାଡି ଦେଲାଣି। ଏସ୍‌ପି କୁଶଲକରଙ୍କ ନେତୃତ୍ୱରେ ଜିଲାରେ ଦାଦନ ଶ୍ରମିକ ଚାଲାଣକୁ ନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମିଶନ ଉଦ୍ଧାର ଚାଲିଛି। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ପୋଲିସ ଜିଲାରୁ ବେଆଇନ ଭାବେ ରାଜ୍ୟ ବାହାରକୁ ଚାଲାଣ ହେଉଥିବା ଦାଦନ ଶ୍ରମିକଙ୍କୁ ଉଦ୍ଧାର କରି ସେମାନଙ୍କୁ ପଞ୍ଜୀକୃତ କରୁଥିବା ଏବଂ ଜିଲା ଭିତରେ ବିଭିନ୍ନ ଯୋଜନାରେ କାମ କରିବାକୁ ସଚେତନ କରୁଥିବା କୁହାଯାଇଛି। ଏସ୍‌ପିଙ୍କ ଏହି ମହତ୍ୱକାଂକ୍ଷୀ କାର୍ଯ୍ୟକ୍ରମରେ ପୋଲିସ ଟିମ୍ ସାମିଲ ହୋଇଥିଲେ ମଧ କେତେକ ପୋଲିସ ଅଧିକାରୀ ଓ କର୍ମଚାରୀ ସେମାନଙ୍କ ଭିତିରି ସ୍ୱାର୍ଥ ଛାଡି ପାରୁ ନ ଥିବା ସତ୍ୟତମ ଘଟଣାରୁ ସ୍ପଷ୍ଟ ହୋଇଛି।

ଗତ ପ୍ରାୟ ୪ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ହେବ ବଲାଙ୍ଗୀର ଜିଲାର ଦାଦନ ଶ୍ରମିକ ସମସ୍ୟା ଏକ ଚର୍ଚ୍ଚିତ ପ୍ରସଙ୍ଗ ରହିଆସିଛି। ଜିଲାରୁ କାମ ଅନ୍ୱେଷଣରେ ଲକ୍ଷାଧିକ ଦାଦନ ଶ୍ରମିକ ରାଜ୍ୟ ବାହାରକୁ ପ୍ରତିବର୍ଷ ଚାଲାଣ ହୋଇଥାନ୍ତି। ଶ୍ରମିକ ଚାଲାଣ ଘଟଣାରେ ଦାଦନ ସର୍ଦ୍ଦାରଙ୍କ ସହ ସ୍ଥାନୀୟ ପୋଲିସର ଏକ ବଡ ଭୂମିକ ରହିଥିବା ଆଲୋଚନାର ବିଷୟ ହୋଇଛି। ଦାଦନ ସର୍ଦ୍ଦାର ଓ ଇଟାଭାଟି ମାଲିକଙ୍କଠାରୁ ଲକ୍ଷାଧିକ ଜବତ ଘଟଣାରେ କଣ୍ଟାବାଞ୍ଜି ଏସ୍‌ଡିପିଓ ହୃଷିକେଶ ମେହେର ନିଲମ୍ବିତ ହେବା ଏବଂ ଦାଦନ ସର୍ଦ୍ଦାରଙ୍କଠାରୁ ସବ୍‌ଇନ୍ସପେକ୍ଟର ଡୁଙ୍ଗଡୁଙ୍ଗ ଟଙ୍କା ନେବା ଘଟଣା ଦାଦନ ଚାଲାଣରେ ପୋଲିସର ଭୂମିକାକୁ ପ୍ରମାଣିତ କରିଦେଇଛି। ଏହି ଘଟଣା ପରେ ପୋଲିସର ମିଶନ ଉଦ୍ଧାର ଘଟଣା ଏକ ପ୍ରହସନ ବୋଲି ଚର୍ଚ୍ଚା ହେଉଛି। ଏନେଇ ଏସ୍‌ପି କୁଶଲକରଙ୍କୁ ପଚରାଯିବାରୁ ତୁରେକେଲା ପୋଲିସ ସବ୍‌ଇନ୍ସପେକ୍ଟର ଭିଡିଓ ଭାଇରାଲ ଘଟଣାର ତଦନ୍ତ ଆରମ୍ଭ କରାଯାଇଛି। ତଦନ୍ତ ରିପୋର୍ଟ ଆସିବା ପରେ ଉଚିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଭିଜିଲାନ୍ସ ସଚେତନତା ସପ୍ତାହ





ଜୁନାଗଡ଼ ବିଡିଓ ଉଦ୍‌ବୋଧନ ଦେଉଛନ୍ତି।

ଜୁନାଗଡ଼,୨।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ କାର୍ଯ୍ୟାଳୟରେ ବୁଧବାର ଭିଜିଲାନ୍ସ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଶୋଭାଯାତ୍ରା ଓ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକର ବିଭିନ୍ନ ସଙ୍ଗଠନ, ଛାତ୍ରଛାତ୍ରୀ, ମହିଳା ସଙ୍ଗଠନ କର୍ମକର୍ତ୍ତା ଯୋଗଦେଇଥିଲେ। ସ୍ଥାନୀୟ ଲଙ୍କେଶ୍ୱରୀ ମନ୍ଦିରଠାରୁ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଓ ଛାତ୍ରୀଛାତ୍ର ଶୋଭାଯାତ୍ରାରେ ସହର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ବ୍ଲକ ସଭାଗୃହରେ ଏକ ସଚେତନତା ସଭା ବିଡିଓ ଦୁଲରାମ ମାରାଣ୍ଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ସବିତା ମେହେର, ସମ୍ମାନିତ ଅତିଥି ଭାବେ ଉପାଧକ୍ଷ ପ୍ରମୋଦ ବେହେରା, ଜିପିଓ ରାଜେନ୍ଦ୍ର ଭୋଇ, ଡବ୍ଲୁଇଏଓ ସୁମନ୍ତ ମାଝି, ବିଏସଏଓ ତୁଷାର ରଞ୍ଜନ ସାହୁ, ଏବିଇଓ କ୍ଷୀରୋଦ ଭୋଇଙ୍କ ସମେତ ଭିଜିଲାନ୍ସ ଏଏସ ଆଇ ଶରତ ବେହେରା ପ୍ରମୁଖ ଯୋଗଦେଇ ଥିଲେ। ଭାରତ ଗଠନ ପାଇଁ ଏହି ସଚେତନତା ସପ୍ତାହର ମୁଖ୍ୟ ଉଦେଶ୍ୟ ଓ ଏଥିନେଇ ସମସ୍ତେ ସଚେତନ ହେବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପରେ ସମସ୍ତେ ସାଧୁତାର ଶପଥ ପାଠ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧରେ ଅନୁଷ୍ଠିତ ପ୍ରବନ୍ଧ, ତର୍କ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଜଳବାୟୁ ପରିବର୍ତ୍ତନ ପ୍ରଭାବ ପ୍ରତିହତ ଲକ୍ଷ୍ୟ





ଡିଆରଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କର୍ମଶାଳାରେ ମଞ୍ଚାସୀନ ଅତିଥି ଓ କର୍ମକର୍ତ୍ତା।

ବଲାଙ୍ଗୀର ଅଫିସ,୨।୧୧

**ଜଳବାୟୁ ସ୍ଥିର ଅଭିବୃଦ୍ଧି ପାଇଁ ଭିତ୍ତିଭୂମି ସଂସ୍ଥାପନ କର୍ମଶାଳା**

ବଲାଙ୍ଗୀର ଜିଲା ଡିଆରଡିଏ ସଭାଗୃହରେ ଭାରତ ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରାଳୟ ଓ ୟୁକେ ସରକାରଙ୍କ ମିଳିତ ଉଦ୍ୟମ ତଥା ରାଜ୍ୟ ସରକାର, ୟୁଏନଡିପି ଏବଂ ଏଫଇଏସର ମିଳିତ ସହଯୋଗରେ ଜଳବାୟୁ ସ୍ଥିର ଅଭିବୃଦ୍ଧି ପାଇଁ ଭିତ୍ତିଭୂମି ସଂସ୍ଥାପନ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଥିଲା। ଜିଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ସୁଶାନ୍ତ କୁମାର ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଏପିଡି ଡ. ଗୁଣନିଧି ନାଏକ, ୟୁଏନଡିପି ଅଧିକାରୀ ଦେବ ପାଇକରାଏ, କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଡ. ସତ୍ୟମୟ ଶତପଥୀ, ଏମ୍‌ଜିଏନ୍‌ଆରଇଜିଏସ୍ ଜିଲା ସଂଯୋଜକ ଅଶୋକ କୁମାର ସାହୁ, ଏଫଇଏସ ରାଜ୍ୟ ସଂଯୋଜକ ବିରଞ୍ଚି ପାଇକରାଏ ତଥା ଜିଲାର ବିଭିନ୍ନ ବିଭାଗ ଅଧିକାରୀ ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତି ଥିଲେ। ଏହି କର୍ମଶାଳାରେ ବିଭିନ୍ନ ବିଭାଗୀୟ କାର୍ଯ୍ୟର ଅଗ୍ରଗତି ତଥା ସରକାରୀ ଯୋଜନା ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ପ୍ରତିହତ କରିବା ପାଇଁ ବିଭିନ୍ନ ବିଭାଗର ସମନ୍ୱୟରେ କିଭଳି କାମ କରାଯାଇଛି ସେ ଉପରେ ଆଲୋଚନା ହୋଇଥିଲା। ଏମ୍‌ଜିଏନ୍‌ଆରଇଜିଏ ଓ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟକ୍ରମ ଜରିଆରେ ଲୋକ ମାନଙ୍କ ଜୀବନ ଜୀବିକା ଉପରେ କିଭଳି ସକାରାତ୍ମକ ପ୍ରଭାବ ପଡୁଛି ଓ ଆଗକୁ ଆହୁରି ପଡିପାରିବ ସେ ଉପରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଉପରେ ଆଇସିଆରଜି ଆଞ୍ଚଳିକ ସଂଯୋଜକ ଡ. ଘନଶ୍ୟାମ ସାହୁ ସୂଚନା ଦେଇଥିଲେ। ଉକ୍ତ କର୍ମଶାଳାରେ ବାର୍ଷିକ କାର୍ଯ୍ୟ ଖସଡ ପ୍ରସ୍ତୁତ କରାଯାଇ ଜିଲାରେ ଜଳବାୟୁ ସ୍ଥିର ଅଭିବୃଦ୍ଧି ପାଇଁ ଭିତ୍ତିଭୂମି ସଂସ୍ଥାପନ ଓ କୃଷିର ବିକାଶ ଦିଗରେ ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ଉପରେ ଆଲୋଚନା କରାଯାଯାଇଥିଲା। ଏଫଇଏସ ଜିଲା ସଂଯୋଜକ ସୁଜିତ କୁମାର ଶତପଥୀ ଓ ଜେସିକା ସାହୁ ଯୋଗଦେଇ ନିରନ୍ତର କୃଷି ଉପରେ ଜିଲାରେ ଚାଲିଥିବା କାମର ଅଗ୍ରଗତିକୁ ନେଇ ଆଲୋକପାତ କରିଥିଲେ। କର୍ମଶାଳାରେ ଏନଆରଏମ ସଂଯୋଜକ ପ୍ରୀତମ ପାଣିଗ୍ରାହୀ, ପ୍ରୋଗ୍ରାମ ଅଧିକାରୀ କ୍ଷୀରୋଦ ମିଶ୍ର, ଓରମାସ ମୁଖ୍ୟ କମଲେନ୍ଦୁ ପଲ ଉପସ୍ଥିତ ଥିଲେ।

## ଲଡୁଗାଁରେ ଗୋପାଷ୍ଟମୀ ପାଳିତ

କୋକସରା,୨।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଅନ୍ତର୍ଗତ ଲଡୁଗାଁ କମଳ ନଦୀ ତଟରେ ଗୋକୁଲଧାମ ଗୋଶାଳାରେ ନିଆରା ଢଙ୍ଗରେ ଗୋପାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ମୁରାରୀ ଲାଲ ଅଗ୍ରୱାଲଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ବନମାଳୀ ମାଝି, ମୁଖ୍ୟବକ୍ତା ସନ୍ଥ ସାମୀ ପରମାନନ୍ଦ ସରସ୍ୱତୀ, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ଅଶୋକ କୁମାର ଦାସ, ପୂଜା କର୍ତ୍ତା ଭାବେ ସଞ୍ଜୀୟ କୁମାର ଅଗ୍ରୱାଲ, ଗୀତା ଅଗ୍ରୱାଲ ପୂଜା କାର୍ଯ୍ୟ ତୁଲାଇଥିଲେ। ଉତ୍ସବରେ ମଞ୍ଚ ପରିଚାଳନା ଅଧାପକ ସଞ୍ଜୀୟ କୁମାର ପୁରୋହିତ କରିଥିବା ବେଳେ ଗୋକୁଲ ଧାମ ପ୍ରତିଷ୍ଠାତା ସୁବାଷ ଚନ୍ଦ୍ର ଅଗ୍ରୱାଲ ଧନ୍ୟବାଦ ଦେଇଥିଲେ। ପାରମ୍ପରିକ ବୈଦିକ ରୀତିରେ ଗୋ ପୂଜନ ହୋଇଥଲା। ଗୋମାତାଙ୍କଠାରେ ୩୩ କୋଟି ଦେବାଦେବୀ ବାସ କରନ୍ତି। ଯଦି କେହି ଗୋମାତାଙ୍କ ସେବା କରିଥାନ୍ତି ତେବେ ସମସ୍ତ ଦେବତାଙ୍କ ଆଶୀର୍ବାଦ ପ୍ରାପ୍ତି ହୋଇଥାଏ। ମାନ୍ୟତା ଅଛି, ଯେଉଁଠି ଗୋରୁଗାଈ ବିଚରଣ କରନ୍ତି ସେଠାକୁ ଅନ୍ୟ କୌଣସି ଜୀବଜନ୍ତୁ ପାଖ ମାଡ଼ନ୍ତି ନାହିଁ। ଗୋମାତାଙ୍କ ପୂଜା କଲେ ସବୁ ରିଷ୍ଟ ଖଣ୍ଡନ ହୋଇଥାଏ ବୋଲି ପୁରାଣରେ ବର୍ଣ୍ଣିତ ଅଛି। ସବୁ ବିପଦରୁ ରକ୍ଷା କରିଥାନ୍ତି ଗୋମାତା। ଏହି କାରଣରୁ ହିନ୍ଦୁଧର୍ମରେ ଗାଈଙ୍କୁ ଅଧିକ ମାନ୍ୟତା ଦିଆଯାଇଥିବା ଅତିଥି ମାନେ ମତ ପ୍ରକାଶ କରିଥିଲେ।

## ବିଶ୍ୱନାଥପୁରରେ ଶୋଭାଯାତ୍ରା, ଲାଞ୍ଜିଗଡ଼ରୋଡ଼ରେ ସଚେତନତା ସଭା



ଦୁର୍ନୀତି ନିବାରଣ ସଚେତନତା ସପ୍ତାହରେ ଅଧିକାରୀମାନେ ଶପଥପାଠ କରୁଛନ୍ତି।

ଲାଞ୍ଜିଗଡ଼,୨।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁର ଓ ଲାଞ୍ଜିଗଡ ରୋଡଠାରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଲାଞ୍ଜିଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ ବିଶ୍ୱନାଥପୁରଠାରେ ଏକ ବିଶାଳ ଶୋଭାଯାତ୍ରା ସହିତ ସାମୁହିକ ଶପଥପାଠ ଆୟୋଜିତ ହୋଇଯାଇଛି। ଏଥିରେ ପିଏ ଆଇଟିଡିଏ ବିରଞ୍ଚି ନାରାୟଣ ଦରୱାନ, ଭିଜିଲାନ୍ସ ଡିଏସପି ସଦାନନ୍ଦ ପାଣି, ମା ହୀରାନୀଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ କଙ୍କଣ ରାୟ, ବ୍ଲକ ଅଧକ୍ଷା କମଳା ପାତ୍ର, ବିଡିଓ ଜିତେନ୍ଦ୍ର କୁମାର ମିଶ୍ର, ଏବିଡିଓ ବିଭୁତିଭୂଷଣ ଶତପଥୀ, ଜିପିଇଓ ସରୋଜ ପ୍ରଧାନ, ବରିଷ୍ଠ ନାଗରିକ ଅନନ୍ତ ନାରାୟଣ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶା ଜୀବିକା ମିଶନର କର୍ମକର୍ତ୍ତା, ଅଙ୍ଗନୱାଡି କର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଛାତ୍ରୀଛାତ୍ର ବହୁସଂଖ୍ୟାରେ ସାମିଲ ହୋଇଥିଲେ। ଲାଞ୍ଜିଗଡ଼ରୋଡ଼ ଗ୍ରାମପଞ୍ଚାୟତରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ସରପଞ୍ଚ ସୁଶ୍ରୀ ମମତା ଶବରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ସଭାରେ କାର୍ଯ୍ୟନିର୍ବାହୀ ଅଧିକାରୀ ଡମ୍ବରୁଧର ସେନାପତି ପରିଚାଳନା କରିଥିବା ବେଳେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଭୁତିଭୂଷଣ ଶତପଥି, ଜିପିଇଓ ସରୋଜ କୁମାର ପ୍ରଧାନ ଅତିଥି ଭାବେ ଯୋଗଦେଇ ସଚୋଟତା ନେଇ ଶପଥ ପାଠ କରାଇଥିଲେ। ଏଥିରେ ନାଏବ ସରପଞ୍ଚ ଅନଙ୍ଗ ମାଝି, ଲାଞ୍ଜିଗଡ଼ରୋଡ଼ ମଧ ଇଂରାଜୀ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନଗେନ୍ଦ୍ର ପଟ୍ଟନାୟକ, ମହିଳା ସଭାନେତ୍ରୀ ସରୋଜିନୀ ପ୍ରଧାନ, ଏମ ବିକେ ସନ୍ତୋଷୀ ଗହିରଙ୍କ ସମେତ ସମସ୍ତ ୱାଡ ସଭ୍ୟସଭ୍ୟା, ଏଏନଏମ, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ସିଆରପି, ଗାଁ ସାଥି, ଛାତ୍ରଛାତ୍ରୀଙ୍କ ସମେତ ଗ୍ରାମ ପଞ୍ଚାୟତ ଅଞ୍ଚଳ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଉପସ୍ଥିତ ଥିଲେ। ପଞ୍ଚାୟତ କାର୍ଯ୍ୟାଳୟଠାରୁ ଏକ ବିଶାଳ ଶୋଭାଯାତ୍ରା ଦ୍ୱାରା ଲୋକଙ୍କୁ ସଚେତନତା କରାଯାଇଥିଲା। ଯୋଗାଣ ସହାୟକ ନାରାୟଣ ପ୍ରସାଦ ନାୟକ, ଦେବରାଜ ଗଉଡ଼, କାହ୍ନା ନାଗ, ବଟୁ, ସୁଶାନ୍ତ ଚନ୍ଦନ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଢଙ୍କସର ଗ୍ରାମରେ ଗୋପାଷ୍ଟାମୀ ପୂଜା

ଖଡିଆଳ,୨।୧୧(ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ସରଧାପୁର ଗ୍ରାମପଞ୍ଚାୟତ ଢଙ୍କସର ଗ୍ରାମରେ ଗୋପାଷ୍ଟାମୀ ପୂଜା ପାଳିତ ହୋଇଯାଇଛି। ଏହି ପୂଜା ଏଠାରେ ଦୀର୍ଘ ୩୯ ବର୍ଷ ଧରି କ୍ରମାଗତ ଭାବେ ପାଳିତ ହୋଇଆସୁଛି। ଗୋଷ୍ଟାମୀରେ ପୂଜା କର୍ତ୍ତା ଭାବେ ଭୋକର ନନ୍ଦ ଗହିର ଏବଂ ଦେବକୀ ଗହିର ଦାୟିତ୍ୱ ସମ୍ପାଦନ କରିଥିଲେ। ପୂଜାର ୨ୟ ଦିନରରେ ବ୍ଲକ ଅଧକ୍ଷ୍ୟା ପୁଷ୍ପାଞ୍ଜଳୀ ନନ୍ଦ, ଏନଏସି ଅଧକ୍ଷ ଉଜ୍ଜଳ ଗୁପ୍ତା, ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ, ଡୁଆଝର ସରପଞ୍ଚ ଜିତୁ କୁମ୍ଭାର, ସରଧାପୁର ସରପଞ୍ଚ ଉମେଶ କୈବର୍ତ୍ତ ମଞ୍ଚାସୀନ ଥିଲେ। ଶେଷ ଦିନରେ ପୂର୍ବତନ ବିଧାୟକ ହିତେଶ କୁମାର ବଗର୍ତ୍ତୀ ଓ ବିଜେଡି ସମ୍ପାଦକ ଲମ୍ବୋଦର ନିଆଳ ଯୋଗଦେଇଥିଲେ। ଇନ୍ଦ୍ର ହାତୀ, ସୁରେଶ ବିଶି, ଗଣେଶ ଗହିର, ମକରଧ୍ୱଜ ଗହିର, ମୀନ କେତନ ବିଶି, ମାଧବ କାଣ୍ଡ, ବିଭୂତି ଭୂଷଣ ବିଶି, ଗୁଞ୍ଜମାଳ କାଣ୍ଡ, ଦ୍ୱିତୀୟା ଶବର, ଦିଆଲୁ ତାଣ୍ଡି ପ୍ରମୁଖ ସହଯୋଗ କରିଥିଲେ।

# ସୁକ୍‌ତେଲ ପ୍ରକଳ୍ପ ଅଗ୍ରଗତି ସନ୍ତୋଷଜନକ

ବଲାଙ୍ଗୀର ଅଫିସ,୨।୧୧



ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧକ୍ଷ ଅସିତ ତ୍ରିପାଠୀ ଲୋୟର ସୁକ୍‌ତେଲ ପ୍ରକଳ୍ପ ପରିଦର୍ଶନ କରୁଛନ୍ତି।

- ଡବ୍ଲ୍ୟୁଓଡିସି ଅଧକ୍ଷ ଅସିତ ତ୍ରିପାଠୀଙ୍କ ବଲାଙ୍ଗୀର ଗସ୍ତ
- ସିସିଟିଭି ସର୍ଭିଲାନ୍ସର ଶିଳାନ୍ୟାସ

ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ତଥା ପଶ୍ଚିମ ଓଡିଶା ବିକାଶ ପରିଷଦ (ଡବ୍ଲ୍ୟୁଓଡିସି) ଅଧକ୍ଷ ଅସିତ ତ୍ରିପାଠୀ ବୁଧବାର ବଲାଙ୍ଗୀରର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଅଧକ୍ଷ ତ୍ରିପାଠୀ ପ୍ରଥମେ ସଇଁତଳାଠାରେ ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିରୁ ନିର୍ମିତ ୨୦୦୦ ଲିଟର କ୍ଷମତା ସମ୍ପନ୍ନ ଦୁଗ୍ଧ ଶୀତଳିକରଣ କେନ୍ଦ୍ର ଓ ୫ ହଜାର କ୍ଷମତା ସମ୍ପନ୍ନ ଦୁଗ୍ଧ ଟ୍ୟାଙ୍କରକୁ ଜଳ ସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନୀ ସାହୁଙ୍କ ସହ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ପରେ ସେ ବଲାଙ୍ଗୀର ଟାଉନ ଆଦର୍ଶ ଥାନା ପରିସରରେ ପରିଷଦ ପାଣ୍ଠିରୁ ୧ କୋଟି ୩୦ ଲକ୍ଷ ବ୍ୟୟରେ ପ୍ରତିଷ୍ଠା ହେବାକୁ ଥିବା ଡିଜିଟାଲ ମନିଟରିଙ୍ଗ ସିଷ୍ଟମ ଏବଂ ସିସିଟିଭି ସର୍ଭିଲାନ୍ସ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ପ୍ରକଳ୍ପ ଦ୍ୱାରା ବଲାଙ୍ଗୀର ସହରରେ ଅପରାଧ ନିୟନ୍ତ୍ରଣ ସହ ଟ୍ରାଫିକ ସୁପରିଚାଳନା ସହଜ ହେବ ବୋଲି ତ୍ରିପାଠୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ଓଡିଶା ଗୃହ ନିର୍ମାଣ ବୋର୍ଡ ଅଧକ୍ଷ କଳିକେଶ ନାରାୟଣ ସିଂଦେଓ, ବଲାଙ୍ଗୀର ପୌରାଧକ୍ଷା ଲିକା ସାହୁ, ପଶ୍ଚିମ ଓଡିଶା ବିକାଶ ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ଼. ଅଜିତ କୁମାର ମିଶ୍ର, ଜିଲାପାଳ ଚଞ୍ଚଳ ରାଣା, ଏସ୍‌ପି ନୀତିନ କୁଶଲକର ଉପସ୍ଥିତ ଥିଲେ।

ସେଠାରୁ ସେ ବଲାଙ୍ଗୀର ନୂତନ ବସ ଟର୍ମିନାଲ ପରିଦର୍ଶନରେ ଯାଇ ପରିଚାଳନା ବ୍ୟବସ୍ଥା ତଦାରଖ କରିଥଲେ। ଏଥି ସହ ଓଏସଆରଟିସି କର୍ତ୍ତୃପକ୍ଷ ଏବଂ ପ୍ରାଇଭେଟ ବସ୍ ମାଲିକ ସଂଘ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ସେଠାରେ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ଶକ୍ତି କାଫେ ପରିଦର୍ଶନ କରିଥିଲେ। ପରେ ସହରରେ ଭଲ୍ଟ ଏଗ୍ରୋଟେକ ଦ୍ୱାରା ପରିଚାଳିତ ପାସ୍ତା ପ୍ଲାଣ୍ଟ ପରିଦର୍ଶନ କରିଥିଲେ। ବଲାଙ୍ଗୀର ସହରରେ ଥିବା ପ୍ରିଣ୍ଟିଂ ଓ ପ୍ୟାକେଜିଂ ୟୁନିଟ ଦେବଶ୍ରୀ ଟ୍ରେଡ଼ର୍ସ ପରିଦର୍ଶନରେ ଯାଇ ସେଠାରେ ଏହାର ମାଲିକ ପ୍ରସନ୍ନ କୁମାର ଗିରିଙ୍କ ସହ ଆଲୋଚନା କରିଥିଲେ। ଅପରାହ୍ଣରେ ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ପରିଦର୍ଶନରେ ଯାଇଥିଲେ। ଡ୍ୟାମ ଓ ସ୍ପିଲୱେ ନିର୍ମାଣ କାମର ଅଗ୍ରଗତି, ବାମପାର୍ଶ୍ୱ ଭୂତଳ ପାଇପ ଜଳସେଚନ ନେଟୱାର୍କ ପ୍ରଣାଳୀ, ଡାହାଣ ପାର୍ଶ୍ୱ ଭୂତଳ ପାଇପ ଜଳସେଚନ ନେଟୱାର୍କ ପ୍ରଣାଳୀ କାମ ସମ୍ପର୍କରେ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ନିରଞ୍ଜନ ରାଉତ ତଥା କାର୍ଯ୍ୟନିର୍ବାହୀ ସଂସ୍ଥା ଅଧିକାରୀ ଓ ବିଭାଗୀୟ ଯନ୍ତ୍ରୀ ମାନଙ୍କ ସହ ଆଲୋଚନା କରିଥିଲେ। ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସେ ସନ୍ତୋଷ ପ୍ରକାଶ କରିଥିଲେ। ଏହାପରେ ଲର୍କପାଲି ସ୍ଥିତ ଆଞ୍ଚଳିକ କୃଷି ସମ୍ପ୍ରସାରଣ ତାଲିମ ପ୍ରତିଷ୍ଠାନ ଯାଇ ସେଠାରେ ଅନୁଷ୍ଠିତ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଅନ୍ତର୍ଗତ ଜିଲାସ୍ତରୀୟ କାର୍ମଶାଳାରେ ଯୋଗଦେଇ ଯୋଜନା ସମ୍ପର୍କରେ ଉପସ୍ଥିତ କୃଷି ଉଦ୍ୟୋଗୀ ମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଧାନଚାଷ ବ୍ୟତୀତ ଅନ୍ୟ ଅର୍ଥକାରୀ ଫସଲ କରିବା ସମ୍ପର୍କରେ ଚାଷୀମାନଙ୍କୁ ପ୍ରୋତ୍ସାହିତ କରିବା ଏବଂ ସଚେତନ କରିବାକୁ କୃଷି ବିଭାଗ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ପରେ ସେ ଜିଲାପାଳ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଜିଲାର ଟେରାକୋଟା କାରିଗର ମାନଙ୍କ ସମାବେଶରେ ଯୋଗଦେଇ ସେମାନେ ପ୍ରସ୍ତୁତ କରୁଥିବା ସାମଗ୍ରୀ, ବଜାର ବ୍ୟବସ୍ଥା, ଅର୍ଥନୈତିକ ଅଭିବୃଦ୍ଧି ସମ୍ପର୍କରେ ପଚାରି ବୁଝିଥିଲେ। ଟେରାକୋଟା କାରିଗରମାନଙ୍କ ଦକ୍ଷତା ବିକାଶ ନିମନ୍ତେ ପ୍ରସ୍ତାବିତ ଦକ୍ଷତା ବିକାଶ କେନ୍ଦ୍ରର ପ୍ରସ୍ତାବନା ସମ୍ପର୍କରେ ଜିଲାପାଳ ରାଣା ପରିଷଦ ଅଧକ୍ଷ ତ୍ରିପାଠୀଙ୍କୁ ଅବଗତ କରିଥିଲେ।

## ଡବ୍ଲ୍ୟୁଓଡିସି ଅଧକ୍ଷଙ୍କ ସହ ନାଗରିକ କମିଟିର ଆଲୋଚନା

ବଲାଙ୍ଗୀର ଅଫିସ,୨।୧୧

ସ୍ଥାନୀୟ ସର୍କିଟ ହାଉସଠାରେ ଜିଲାର ବିଭିନ୍ନ ସମସ୍ୟାକୁ ନେଇ ବଲାଙ୍ଗୀର ନାଗରିକ କମିଟିର ଏକ ପ୍ରତିନିଧି ଦଳ ଡବ୍ଲ୍ୟୁଓଡିସି ଅଧକ୍ଷ ଅସିତ ତ୍ରିପାଠୀଙ୍କୁ ସାକ୍ଷାତ୍ କରିଥିଲେ। ବଲାଙ୍ଗୀରର ଲୋୟର ସୁକତେଲ ପ୍ରକଳ୍ପ, ପର୍ଯ୍ୟଟନ, ବାଏପାସ, ବଲାଙ୍ଗୀର-ଖୋର୍ଦ୍ଧା ରେଳ ପ୍ରକଳ୍ପର ଅଗ୍ରଗତି, ଫ୍ଲାଏ ଓଭର ବ୍ରିଜ ନିର୍ମାଣ ସମ୍ବନ୍ଧରେ ଆଲୋଚନା କରିଥିଲେ। ଅଧକ୍ଷ ତ୍ରିପାଠୀ ସ୍ଥାନୀୟ ଯୁବକମାନଙ୍କୁ କ୍ଷୁଦ୍ର ଶିଳ୍ପ ନିର୍ମାଣରେ ଉତ୍ସାହିତ କରିବା ଦିଗରେ ନାଗରିକ କମିଟି ସଚେତନତା କାର୍ଯ୍ୟକ୍ରମ କରିବା ଉପରେ ଜୋର ଦେଇଥିଲେ। ଜିଲାରୁ ବେକାର ସମସ୍ୟା ଦୂର କରିବା ଦିଗରେ ବିଭିନ୍ନ ପ୍ରକାର କାର୍ଯ୍ୟ କରିବା ଏବଂ ଏଥିରେ ସହଯୋଗ କରିବାକୁ ସେ ଗୁରୁତ୍ୱାରୋପ କରିଥିଲେ। ପ୍ରତିନିଧି ଦଳରେ କମିଟି ସଭାପତି ବେଲାର ସିଂ ଭୋଇ, ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁ, ନିତ୍ୟାନନ୍ଦ ମିଶ୍ର, ଜୟରାମ ମିଶ୍ର, ଗୋପବନ୍ଧୁ ପୁରୋହିତ, ରଘୁନନ୍ଦନ ସିଂ ଯାଇ ଡବ୍ଲ୍ୟୁଓଡିସି ଅଧକ୍ଷଙ୍କ ସହ ଆଲୋଚନା କରିଥିଲେ ।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୩ ନଭେମ୍ବର, ୨୦୨୨

**ରକ୍ତଦାନ ଶିବିର**

ଜାମଟିକ୍ରା,(ଡି.ଏନ.ଏ.): ଅତାବିରା ବ୍ଲକ ରେଙ୍ଗାଲି କ୍ୟାମ୍ପଠାରେ ବଜରଙ୍ଗ ଦଳ ତରଫରୁ ବୁଧବାର ଜିଲା ସହ ସଂଯୋଜକ ପରମେଶ୍ୱର ପଟେଲଙ୍କ ନେତୃତ୍ୱରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଜରଙ୍ଗ ଦଳ ପ୍ରାନ୍ତ ସଂଯୋଜକ ସୁଧୀର ରଞ୍ଜନ ବୋହିଦାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାନ୍ତ ସହ ସଂଯୋଜକ ସତ୍ୟକେତନ ମହାନ୍ତି, ପ୍ରାନ୍ତ ସୁରକ୍ଷା ପ୍ରମୁଖ ଅଶ୍ୱିନୀ ମେହେର ଉପସ୍ଥିତ ଥିଲେ। ପ୍ରଭାସ ମଲିକ, ସାନୁ ରାଓ, ପ୍ରଦୀପ ସିଂଙ୍କ ସମେତ ବଜରଙ୍ଗ ଦଳର କର୍ମୀମାନେ ସହଯୋଗ କରିଥିଲେ। ଶିବିରରେ ମୋଟ ୫୨ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।



## ସଂକ୍ଷେପରେ

### ହରିହର ଯୋର ପ୍ରକଳ୍ପରୁ ଚୋରି ସାମଗ୍ରୀ ଜବତ, ୨ ଗିରଫ

**ଅମରପାଲି, ୨।୧୧(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ହରିହର ଜଳସେଚନ ପ୍ରକଳ୍ପରୁ ଚୋରି ଅଭିଯୋଗରେ ୨ଜଣ ଅଣ ଓଡିଆ ଚୋରଙ୍କୁ ପୋଲିସ ଗିରଫ କରିଛି। ପ୍ରକଳ୍ପରେ ଲାଗିଥିବା ବିଭିନ୍ନ ଲୁହା ସାମଗ୍ରୀ ସହିତ ଗଚ୍ଛିତ ସାମଗ୍ରୀ ଚୋରି କରିଥିବା ନେଇ ଅଭିଯୋଗ ହୋଇଥିଲା। ଉଲୁଣ୍ଡା ଥାନା ଗଣ୍ଡାବାହାଲରେ ରହୁଥିବା ପଶ୍ଚିମବଙ୍ଗ ରାଜ୍ୟ ମୁର୍ସିଦାବାଦ ଅଞ୍ଚଳର ସେତାର ସେକ(୩୦) ଓ ନଜବୁଲ ସେକ (୨୬) ଏହି ଚୋରି କରିଥିଲେ। ଏ ନେଇ ବୀରମହାରାଜପୁର ଥାନାରେ ଏକ ମାମଲା(୨୦୨/୨୨)ଗତ ୧୦ତାରିଖରେ ରୁଜୁ ହୋଇଥିଲା। ବୁଧବାର ଉଭୟଙ୍କୁ ଚୋରି ସାମଗ୍ରୀ ସହ ବୀରମହାରାଜପୁର ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

### କିଓସ୍କ ବ୍ୟାଙ୍କ କର୍ମଚାରୀଙ୍କ ଦ୍ୱାରା କାଳିଆ ଟଙ୍କା ହଡ଼ପ ନେଇ ଥାନାରେ ଅଭିଯୋଗ

**କନ୍ଧମାଳ,୨।୧୧(ଡି.ଏନ୍.ଏ.):** ବୌଦ୍ଧ ଜିଲା କନ୍ଧମାଳ ବ୍ଲକ ଘୁଲଘୁଲାପାଦର ଗ୍ରାମର ଜଣେ ମହିଳା ହିତାଧିକାରୀଙ୍କ ଅର୍ଥ କିଓସ୍କ ବ୍ୟାଙ୍କ କର୍ମଚାରୀଙ୍କ ଦ୍ୱାରା ହଡ଼ପ ହୋଇଥିବା ନେଇ ମନମୁଣ୍ଡା ଥାନାରେ ମଙ୍ଗଳବାର ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ଘୁଲଘୁଲାପାଦର ଗ୍ରାମର ଚଞ୍ଚଳା ରଣା (୪୭) ଜଣେ ଗରିବ ଶ୍ରେଣୀର ହୋଇଥିବା ସହ ଭୂମିହୀନ ଅଟନ୍ତି। ସେ ଭୂମିହୀନ ହୋଇଥିବାରୁ ତାଙ୍କୁ କାଳିଆ ଯୋଜନାରୁ ଟଙ୍କା ମିଳିଥିଲା। ଉକ୍ତ ଟଙ୍କାକୁ ବ୍ୟାଙ୍କ ଅଫ ବରୋଦା ସୋନପୁର ଶାଖାରେ ରଖିଥିଲେ। ଟଙ୍କା ଆସିଥିବା ଜାଣିବା ପରେ ଚଞ୍ଚଳା ପଲଶାଗୋରାଠାରେ ଥିବା ଏକ କିଓସ୍କ ବ୍ୟାଙ୍କକୁ ଟଙ୍କା ଉଠାଇବାକୁ ଗତ ୧୬।୧୧।୨୦୨୧ରେ ଯାଇଥିଲେ। କିନ୍ତୁ ଟଙ୍କା ଆସିଛି କି ନାହିଁ ବୋଲି କିଓସ୍କ ବ୍ୟାଙ୍କ କର୍ତ୍ତୃପକ୍ଷ ଦୁଇ ଥର ଟିପ ଚିହ୍ନ ନେଇଥିବା ଅଭିଯୋଗ କରିବା ସହ ଟଙ୍କା ଉଠାଣ ହୋଇପାରୁନାହିଁ ବୋଲି କହିଥିବା ଅଭିଯୋଗ କରିଛନ୍ତି। କିନ୍ତୁ ଗତ ଏକ ସପ୍ତାହ ତଳେ ଚଞ୍ଚଳା ବରୋଦା ବ୍ୟାଙ୍କକୁ କାଳିଆ ଟଙ୍କା ଆସିଛି କି ନାହିଁ ବୋଲି ପଚାରିଯାଇଥିବାରୁ ତାଙ୍କର ଆକାଉଣ୍ଟରୁ ଗତ ୧୬।୧୧।୨୦୨୧ରେ ଥରେ ୧୦ ହଜାର ଓ ଆଉ ଥରେ ୩ ହଜାର ଟଙ୍କା ଉଠାଣ ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ତାଙ୍କର ଟଙ୍କା ଜାଲିଆତି କରି ହଡପ ହୋଇଥିବା ନେଇ ମନମୁଣ୍ଡା ଥାନାରେ ଅଭିଯୋଗ କରିଛନ୍ତି। ଚଞ୍ଚଳାଙ୍କ ସ୍ୱାମୀ ଓ ପୁଅ ଭିନ୍ନକ୍ଷମ ହୋଇଥିବା ବେଳେ ସେ ପରିବାର ପୋଷଣ କରିଥାନ୍ତି। ଜଣେ ଅସହାୟ ମହିଳାଙ୍କ ଅର୍ଥ ହଡପ କରିବା ଅଭିଯୋଗକୁ ମନମୁଣ୍ଡା ଥାନା ଅଧିକାରୀ ସ୍ୱୀକାର କରିବା ସହ ଏନେଇ ତଦନ୍ତ ଆରମ୍ଭ ହୋଇଥିବା ଥାନା ଅଧିକାରୀ ଅଶ୍ୱିନୀ ଭିତିରିଆ ସୂଚନା ଦେଇଛନ୍ତି।

### ଅଁଳା ନବମୀ, ଅଷ୍ଟପ୍ରହର ନାମଯଜ୍ଞ

**ଜାମଟିକ୍ରା,୨।୧୧(ଡି.ଏନ.ଏ.):** ଅତାବିରା ବ୍ଲକ ଅଧୀନ ମହୁଖଣ୍ଡ ଗ୍ରାମରେ ବୁଧବାର ଅଁଳା ନବମୀ ଓ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଜ୍ଞାନପତି ମହାପାତ୍ର ଯଜ୍ଞକାର୍ଯ୍ୟ ତୁଲାଇଥିବା ବେଳେ ଗୌନ୍ତିଆ ବାଦଲ ଗୁରୁ ସସ୍ତ୍ରୀକ କର୍ତ୍ତା କାର୍ଯ୍ୟ ସମ୍ପାଦନ କରିଥିଲେ। ଅଁଳା ନବମୀରେ ଗାଁର ଝିଅ ଏବଂ ମହିଳାମାନେ ଉପବାସ ରହି ପୂଜା କରିଥିଲେ। ଅଷ୍ଟପ୍ରହର ନାମଯଜ୍ଞରେ ଗୋଡ଼ଭଗା ଗ୍ରାମର ଉଭୟ ମହିଳା ପୁରୁଷ କୀର୍ତ୍ତନ, କୁମେଲସିଂହା ମହିଳା ଦଳ ମଧ୍ୟରେ ନାମ ସଂକୀର୍ତ୍ତନ ହୋଇଥିଲା। ପପଙ୍ଗା ଓ ଯୁଗୀପାଲି ମଧ୍ୟରେ ବୈଠକୀ ହୋଇଥିଲା। ରାତ୍ରିରେ ଜଟଲାର ନାଟକ ପରିବେଷିତ ହୋଇଥିଲା ବୋଲି ପୂଜା କମିଟି ସଭାପତି ଯୁଗେଶ କର୍ଣ୍ଣ ଜଣାଇଛନ୍ତି।

# ଜିଲା ମାନ୍ୟତା ଦାବିରେ ପଦ୍ମପୁର ବନ୍ଦ

**ପଦ୍ମପୁର,୨।୧୧(ଡି.ଏନ.ଏ)**



ପଦ୍ମପୁରଠାରେ ଲୋକେ ବନ୍ଦ ଆନ୍ଦୋଳନ କରିଛନ୍ତି ।

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡକୁ ଜିଲା ମାନ୍ୟତା ଦାବି ଜୋର୍ ଧରିଛି। ଏହି ଦାବି ନେଇ ଆନ୍ଦୋଳନ ତେଜି ଉଠିଛି। ଏହି କ୍ରମରେ ବୁଧବାରଠାରୁ ୨ଦିନିଆ ଅର୍ଥାତ୍ ୪୮ଘଣ୍ଟିଆ ପଦ୍ମପୁର ବନ୍ଦ ଆରମ୍ଭ ହୋଇଛି। ପଦ୍ମପୁର ନାଗରିକ କମିଟିର ଆହ୍ୱାନକ୍ରମେ ଚାଲିଥିବା ବନ୍ଦ ଆନ୍ଦୋଳନକୁ ସ୍ୱତଃସ୍ଫୂର୍ତ୍ତ ସମର୍ଥନ ମିଳିଛି। ସକାଳ ୬ଟାରୁ ପଦ୍ମପୁରର ସମସ୍ତ ଦୋକାନ, ବଜାର, ସରକାରୀ, ବେସରକାରୀ ପ୍ରତିଷ୍ଠାନ, ସ୍କୁଲ କଲେଜ, କାର୍ଯ୍ୟାଳୟ ବନ୍ଦ ରହିଛି।

ପ୍ରକାଶ ଯେ, ପଦ୍ମପୁର ଏନ୍ଏସି, ପଦ୍ମପୁର, ଝାରବନ୍ଧ, ପାଇକମାଳ, ସୋହେଲା, ଗାଇସିଲେଟ, ବିଜେପୁର ବ୍ଲକ ଓ ଏନ୍ଏସିକୁ ନେଇ ପଦ୍ମପୁର ଉପଖଣ୍ଡ ଗଠିତ। ୧୯୯୩ରେ ଜିଲା ପୁନର୍ଗଠନ ସମୟରେ ଭୌଗୋଳିକ ସ୍ଥିତି, ଅବସ୍ଥିତି ଯୋଗୁ ପଦ୍ମପୁରକୁ ଜିଲା ଘୋଷଣା ପ୍ରସ୍ତାବ ରହିଥିଲା। ମାତ୍ର ସେତେବେଳେ ପଦ୍ମପୁରକୁ ବାଦ୍ ଦେଇ ନୂଆପଡ଼ା ଜିଲା ଗଠନ କରାଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ୨୦୧୯ରେ ପଦ୍ମପୁରକୁ ଜିଲା ମାନ୍ୟତା ଦାବି ପୁଣି ଉଠିଥିଲା। ଏହି ଦାବି ନେଇ ପଦ୍ମପୁର ନାଗରିକ କମିଟିର ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଆଲୋଚନାକୁ ସମ୍ମାନ ଜଣାଇ ସେତେବେଳେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିଲା। କିନ୍ତୁ ଏପର୍ଯ୍ୟନ୍ତ ପଦ୍ମପୁରକୁ ଜିଲା ମାନ୍ୟତା ମିଳିପାରିନାହିଁ। ଫଳରେ ଅସନ୍ତୋଷ ବଢ଼ି ଚାଲିଛି । ଜିଲା ଗଠନ ସମନ୍ୱୟ କମିଟିର ଆବାହକ ଅଜିତ ଶତପଥି, ପ୍ରତାପ ମିଶ୍ର, ଗୌନ୍ତିଆ ସାହୁ, ରାଜୁ ଘିବେଲା, ସୁନିଲ ଅଗ୍ରୱାଲଙ୍କ ସମେତ ବିଭିନ୍ନ ସଂଗଠନର ପ୍ରତିନିଧିବୃନ୍ଦ ଆନ୍ଦୋଳନର ନେତୃତ୍ୱ ନେଇଛନ୍ତି ।

# ଉପଜିଲାପାଳଙ୍କ ଅଫିସ୍ ଆଗରେ ଧାରଣା


ପଦ୍ମପୁର ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ଚାଷୀମାନେ ଧାରଣା ଦେଇଛନ୍ତି।

**ପଦ୍ମପୁର,୨।୧୧(ଡି.ଏନ.ଏ.)**

**ବୀମାରାଶି ଓ ଇନ୍‌ପୁଟ ପ୍ରାପ୍ୟ ଦାବି**

କୃଷକ ଚେତାବନୀ ସମାବେଶ ପରେ ବୀମାରାଶି ଓ ଇନପୁଟ ଟଙ୍କା ପ୍ରଦାନ ଦାବିରେ ବରଗଡ଼ ଜିଲା ରାଜବୋଡାସମ୍ବର କୃଷକ ସଙ୍ଗଠନ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଜାରି ରହିଛି। ସରକାର ତୁରନ୍ତ ଉପଖଣ୍ଡର ସମସ୍ତ ଚାଷୀଙ୍କୁ ବୀମା ଓ ମରୁଡି ସହାୟତା ରାଶି ପ୍ରଦାନ ନ କଲେ ଧାରଣା ଜାରି ରହିବ ବୋଲି ସଙ୍ଗଠନ ତରଫରୁ ଆବାହକ ଅଶୋକ ସାହୁ ଚେତାବନୀ ଦେଇଛନ୍ତି।

# ରାଷ୍ଟ୍ରପ୍ରେମରେ ଉଦ୍‌ବୁଦ୍ଧ ହେବାକୁ ଆହ୍ୱାନ



ବିକାଶ ଶିକ୍ଷାନୁଷ୍ଠାନରେ ରାଷ୍ଟ୍ରୀୟ ଏକତା ଦିବସ ।

**ବରଗଡ଼ ଅଫିସ୍,୨।୧୧**

ବରଗଡ଼ ବିକାଶ ଆବାସିକ ସ୍କୁଲରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ସମାରୋହ ତଥା ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଛି। ଏହି ଅବସରରେ ସ୍କୁଲ ପ୍ରାର୍ଥନା ସଭାରେ ସର୍ଦ୍ଦାର ପଟେଲଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ସହିତ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଛାତ୍ରୀଛାତ୍ର ତଥା ଶିକ୍ଷୟିତ୍ରୀ ଶିକ୍ଷକମାନେ ଦେଶର ଏକତା, ଅଖଣ୍ଡତାରେ ସର୍ଦ୍ଦାର ପଟେଲଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା କ୍ୟାମ୍ପସରେ ସ୍ୱତନ୍ତ୍ର ଭାବେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିକାଶ ଡିଗ୍ରୀ କଲେଜ, ବିକାଶ ସ୍କୁଲ ଅଫ୍ ବିଜନେସ ମ୍ୟାନେଜମେଣ୍ଟ, ବିକାଶ ଲ ସ୍କୁଲ, ବିକାଶ ନର୍ସିଂ କଲେଜ, ବିକାଶ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି, ପଲିଟେକ୍‌ନିକ୍‌ର ୬୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଶପଥ ପାଠ କରିଥିଲେ। ବିକାଶ ଗ୍ରୁପ୍‌ର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ତାଙ୍କ ବକ୍ତବ୍ୟରେ ରାଷ୍ଟ୍ରପ୍ରେମରେ ଉଦ୍‌ବୁଦ୍ଧ ହେବାକୁ ଛାତ୍ରୀଛାତ୍ରଙ୍କୁ ସନ୍ଦେଶ ଦେଇଥିଲେ। ଆସ୍ଥା ମହାପାତ୍ର ସ୍ୱୟଂକୃତ ଦେଶାତ୍ମବୋଧକ କବିତା ପାଠ କରିଥିଲେ। ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡାଙ୍କ ସମେତ ୟୁ.ଜି କ୍ୟାମ୍ପସ୍ ଅନ୍ତର୍ଗତ ସମସ୍ତ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। କାଯର୍ୟକ୍ରମ ଶେଷରେ ୟୁ.ଜି କ୍ୟାମ୍ପସ ଖେଳ ପଡ଼ିଆରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଂରଚିତ ଭାରତବର୍ଷର ମାନବ-ହାର (ହ୍ୟୁମାନ ଚେନ୍) ମାନଚିତ୍ର ବିଶେଷ ଆକର୍ଷଣ ହୋଇଥିଲା । ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲିକ୍ରିଷ୍ଣା କ୍ୟାମ୍ପସବାସୀଙ୍କୁ ରାଷ୍ଟ୍ରୀୟ ଏକତା ଦିବସରେ ଅଭିନନ୍ଦନ ଜଣାଇଥିଲେ ।

# ବିକାଶରେ ଫ୍ରେସର୍ସ ଡେ


ଫ୍ରେସର୍ସ ଡେରେ ଲ ସ୍କୁଲର ଛାତ୍ରୀଛାତ୍ର, କର୍ମଚାରୀବୃନ୍ଦ ।

**ବରଗଡ଼ ଅଫିସ୍,୨।୧୧**

ବରଗଡ଼ ବିକାଶ 'ଲ' ସ୍କୁଲରେ ଫ୍ରେସର୍ସ ଡେ ପାଳିତ ହୋଇଯାଇଛି। ଏହି ଅବସରରେ 'ଲ' ସ୍କୁଲରେ ନାମ ଲେଖାଇଥିବା ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା। 'ଲ' ସ୍କୁଲ ଅଧ୍ୟକ୍ଷ ଡଃ ତ୍ରିବିକ୍ରମ କୁମାର ଦାସଙ୍କ ପୌରୋହିତ୍ୟରେ ଉକ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଅଧ୍ୟକ୍ଷ ଡଃ ଦାସ ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ବାର୍ତ୍ତା ଦେବା ସହିତ ଆଇନ ପାଠର ବିଶେଷତ୍ୱ ଉପରେ ନିଜ ମତ ରଖିଥିଲେ। ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲିକ୍ରିଷ୍ଣା କାର୍ଯ୍ୟକ୍ରମରେ ଯୋଗଦାନ କରି ନିଜ ବକ୍ତବ୍ୟରେ ଆଇନ ବୃତ୍ତି ଓ ତାର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ଛାତ୍ର ସମୟର ମୂଲ୍ୟ ଓ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନର ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା ବର୍ତ୍ତମାନର ଆଇନ କ୍ଷେତ୍ରରେ ଥିବା ପ୍ରତିଯୋଗିତା ଉପରେ ଆଲୋକପାତ କରିଥିଲେ। ଅନ୍ୟ ଅତିଥି ଭାବେ ବିକାଶ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିର ଅଧ୍ୟକ୍ଷ ଡଃ ଅଜୟ ମହାପାତ୍ର, ସ୍କୁଲ ଅଫ୍ ବିଜିନେସ୍ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ଡଃ କ୍ଷୀରୋଦ ପ୍ରଧାନ, ନର୍ସିଂ କଲେଜ ଅଧ୍ୟକ୍ଷା ୱାଇ. ଡି ଷ୍ଟେଲା, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମୁରାରି ପ୍ରସାଦ ସାହୁ, ବିକାଶ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିର ଉପାଧ୍ୟକ୍ଷ ଡଃ ପୂର୍ଣ୍ଣେନ୍ଦୁ ମିଶ୍ର, ଡିଗ୍ରୀ କଲେଜ ଉପାଧ୍ୟକ୍ଷ ଆର୍.ଏସ୍. ଭି କ୍ରିଷ୍ଣା, ନର୍ସିଂ କଲେଜ ଉପାଧ୍ୟକ୍ଷା ଦୀପାଞ୍ଜଳି ପଟେଲ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। 'ଲ' ସ୍କୁଲର ସଂଯୋଜକ ଶିବାନନ୍ଦ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ନୂତନ ଛାତ୍ରୀଛାତ୍ର ନିଜ କଳା, ସାମର୍ଥ୍ୟ ପ୍ରଦର୍ଶନ କରିଥିଲେ। ତୋସିତ୍ ପଟେଲ ମିଷ୍ଟର ଫ୍ରେସର୍ସ, ଲିପ୍‌ସାରାଣୀ ନାଏକ ମିସ୍ ଫ୍ରେସର୍ସ ମନୋନିତ ହୋଇଥିଲେ। 'ଲ' ସ୍କୁଲ ଅଧ୍ୟାପକ ଅଭିନନ୍ଦନ ଖୁଣ୍ଟିଆ, ଅଭିନବ ସ୍ୱାଇଁ, ଅଧ୍ୟାପିକା ରୋଜି ମେହେର, ସ୍ୱାଗତିକା ସାହୁ ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପିକ ଜୈମିନୀ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ନାବାଳିକା ବଳାତ୍କାରୀଙ୍କୁ ୭ବର୍ଷ କାରାଦଣ୍ଡ

**ସୋନପୁର,୨।୧୧(ନି.ପ୍ର.)**

ନାବାଳିକା ବଳାତ୍କାର ଅଭିଯୋଗରେ ସୋନପୁର ସ୍ପେଶାଲ ଟ୍ରାକ୍ କୋର୍ଟରେ ସହକାରୀ ସେସନ୍ସ ଜଜ ସ୍ୱେଦସ୍ନାତା ପତି ଉଲୁଣ୍ଡା ଥାନା ନାକଡେଇଁ ଗ୍ରାମର ଅଭିଯୁକ୍ତ ଦୁର୍ଯ୍ୟୋଧନ ଘୁଟାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତଙ୍କୁ ୭ବର୍ଷ ସଶ୍ରମ କାରାଦଣ୍ଡାଦେଶ ଓ ୧୦ହଜାର ଟଙ୍କା ଜରିମାନା ଦେବାକୁ ବିଚାରପତି ରାୟରେ ଦର୍ଶାଇଛନ୍ତି। ଜରିମାନା ଅନାଦାୟ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ଆଦେଶ ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଗତ ୨୦୧୪ ସେପ୍ଟେମ୍ବର ୪ ତାରିଖରେ ନାବାଳିକାଙ୍କୁ ଅଭିଯୁକ୍ତ ଦୁର୍ଯ୍ୟୋଧନ ବଳାତ୍କାର କରି ଚଢେଇପଙ୍କ ଗାଁର ଜଣେ ବ୍ୟକ୍ତିଙ୍କ ଘରେ ଛାଡି ଦେଇଥିଲେ। ପରବର୍ତ୍ତୀ ସମୟରେ ପୀଡିତା ଘରକୁ ଫେରିବା ପରେ ଅଭିଯୁକ୍ତ ତାଙ୍କୁ ଏକୁଟିଆ ପାଇ ପୁଣି ବଳାତ୍କାର କରିଥିଲେ। ଏ ସମ୍ପର୍କରେ ଜାଣିବା ପରେ ପୀଡିତାଙ୍କ ବାପା ଉଲୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଉଲୁଣ୍ଡା ଥାନାରେ ଏକ ମାମଲା(୫୨/୧୪)ରୁଜୁ ହୋଇଥିଲା। ମାମଲାରେ ମୋଟ ୨୩ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ସାକ୍ଷ୍ୟ ଗ୍ରହଣ ଓ ପାରିପାର୍ଶ୍ୱିକ ପରିସ୍ଥିତିକୁ ବିଚାରକୁ ନେଇ ବିଚାରପତି ପତି ଉପରୋକ୍ତ ରାୟ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ଅଟଳ ବିହାରୀ ମହାପାତ୍ର ମାମଲା ପରିଚାଳନା କରୁଥିଲେ।

### ରାମାୟଣ ପାରାୟଣ ପାଇଁ ବ୍ୟାସ ବରଣ

**ଅମରପାଲି,୨।୧୧(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମିନିଷ୍ଟାଡିୟମଠାରେ ଅନୁଷ୍ଠିତ ହେବାକୁ ଥିବା ଆଞ୍ଚଳିକ ଧନୁଯାତ୍ରାରେ ରାମାୟଣ ପାରାୟଣ ପାଇଁ ବ୍ୟାସ ବରଣ ବୁଧବାର ହୋଇଯାଇଛି। ତରଭାଠାରେ ବିଶିଷ୍ଟ ପୁରାଣ ଗାୟକ ଅସିତ କୁମାର ଷଡ଼ଙ୍ଗୀଙ୍କୁ ବ୍ୟାସ ଗାୟକ ଭାବେ ବରଣ କରିଛନ୍ତି କମିଟିର କର୍ମକର୍ତ୍ତା । ବରିଷ୍ଠ ଉପଦେଷ୍ଟା ଆଇନଜୀବୀ ବିଷ୍ଣୁ ଚରଣ ପଣ୍ଡା, ସନ୍ତୋଷ କୁମାର ଷଡ଼ଙ୍ଗୀ, ଦିଲ୍ଲୀପ କୁମାର ତ୍ରିପାଠୀ ଓ ଯୁଗଳ କିଶୋର ମିଶ୍ର ଏହି ଅବସରରେ ଉପସ୍ଥିତ ଥିଲେ। ଆସନ୍ତା ଡିସେମ୍ବର ୨୨ରୁ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଜାନୁୟାରୀ ୪ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କମିଟି ସଭାପତି ସତ୍ୟଞ୍ଜିବ ମିଶ୍ର ପ୍ରକାଶ କରିଛନ୍ତି ।

# ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା


ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରୁଛନ୍ତି ।

**ସୋନପୁର,୨।୧୧(ନି.ପ୍ର.)**

ସୁବର୍ଣ୍ଣପୁରର ପ୍ରାକ୍ତନ ଜିଲା ଶାରିରୀକ ଶିକ୍ଷା ନିରୀକ୍ଷକ ଦୁର୍ଯ୍ୟୋଧନ ରାଉତଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ବୁଧବାର ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଜିଲା ଶିକ୍ଷା ଅଧିକାରୀ(ଡିଇଓ) ଲକ୍ଷ୍ମଣ କୁମାର ଭୋଇ ଏଥିରେ ଅଧ୍ୟକ୍ଷତା କରିଥିଲେ। ଡିଇଓ ଭୋଇ ତାଙ୍କ ବକ୍ତବ୍ୟରେ ପ୍ରାକ୍ତନ ଜିଲା ଶିକ୍ଷା ନିରୀକ୍ଷକ ରାଉତଙ୍କୁ ଏକାଧାରରେ ଜଣେ କ୍ରୀଡାବିତ୍, ସୁସଂଗଠକ, କଳାକାର ଓ ସ୍ପଷ୍ଟବାଦୀ ବ୍ୟକ୍ତି ଥିଲେ ଅଭିହିତ କରିଥିଲେ। ରାଉତ ୨୦୧୨ରୁ ନିରବିଚ୍ଛିନ୍ନ ଭାବରେ ଦୀର୍ଘ ୧୦ ବର୍ଷ ଧରି ଜିଲା ଶାରିରୀକ ଶିକ୍ଷା ନିରୀକ୍ଷକ ଦାୟିତ୍ୱରେ ଥିଲେ । ତାଙ୍କ ତତ୍ତ୍ୱାବଧାନରେ ଅନେକ ଛାତ୍ରୀଛାତ୍ର ରାଜ୍ୟ ଓ ଜାତୀୟ ସ୍ତରକୁ କ୍ରୀଡା କ୍ଷେତ୍ରରେ ମନୋନୀତ ହୋଇଛନ୍ତି। ଜିଲା ସ୍କାଉଟ ଓ ଗାଇଡ୍ କ୍ଷେତ୍ରରେ ମଧ୍ୟ ରାଜ୍ୟପାଳଙ୍କ ଠାରୁ ଏକାଧିକ ଥର ପୁରସ୍କାର ପ୍ରାପ୍ତ ହୋଇ ରାଉତ ଜିଲା ପାଇଁ ସୁନାମ ଆଣିଛନ୍ତି ବୋଲି ଜିଲା ଶିକ୍ଷା ଅଧିକାରୀ ଭୋଇ ମତପ୍ରକାଶ କରିଥିଲେ। ସଭାରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ, ଡ. ରାଧାକାନ୍ତ ଗଡତିଆ, ଜିଲା ଶିକ୍ଷା ଅଧିକାରୀ ଓ ସମଗ୍ର ଶିକ୍ଷା ଅଭିଯାନ କାର୍ଯ୍ୟାଳୟର କର୍ମଚାରୀ ମାନେ ଉପସ୍ଥିତ ରହି ଚାକିରି ସମୟରେ ରାଉତଙ୍କ କାର୍ଯ୍ୟଦକ୍ଷତା, ଗୁଣାବଳୀ ଓ ନିଷ୍ଠାପର ଉଦ୍ୟମର ପ୍ରଶଂସା କରିଥିଲେ । ଜିଲା ଶିକ୍ଷା ଅଧିକାରୀ ଭୋଇ ଏହି ଅବସରରେ ରାଉତଙ୍କ ସୁସ୍ଥ ଓ ନିରାମୟ ଦୀଘ ଜୀବନ କାମନା କରିବା ସହ ପ୍ରଶଂସା ପତ୍ର ଏବଂ ଉପଢୌକନ ପ୍ରଦାନ କରିଥିଲେ। ପର୍ଶୁରାମ ମେହେର ସଭାକାର୍ଯ୍ୟ ପରିଚାଳନା କରିଥିଲେ।

# ଧାରଣାରେ ସାମିଲ ହେଲେ ଛାତ୍ରୀଛାତ୍ର

**ବୌଦ୍ଧ,୨।୧୧(ସ୍ୱ.ପ୍ର.)**

**ପଥରକ୍ୱାରି, କ୍ରସର ପୁନଃ ଚାଲିବା ନିଷ୍ପତ୍ତି ପ୍ରତିବାଦରେ ଗ୍ରାମବାସୀଙ୍କ ଗଣଧାରଣା ଜାରି**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଖରଭୂଇଁ ଠାରେ ବନ୍ଦ ଥିବା କ୍ରସର ଓ ପଥରକ୍ୱାରୀ ପୁନଃ ଚାଲୁ ପାଇଁ ପ୍ରଶାସନ ଆଗଭର ନେଇ ଗ୍ରାମବାସୀ ଏହାର ଘୋର ବିରୋଧ ଆରମ୍ଭ କରିଛନ୍ତି। ପଥରକ୍ୱାରୀ ଓ କ୍ରସର ଚାଲିବା ପାଇଁ ପ୍ରଶାସନ ଓ କ୍ରସର ମାଲିକ ସଜବାଜ ହେଉଥିବାରୁ ଗ୍ରାମବାସୀ ବିରୋଧ କରିଛନ୍ତି। ଏନେଇ ଗତ ମଙ୍ଗଳବାର ଠାରୁ ଗ୍ରାମବାସୀ କ୍ରସର ଗୁଡିକ ବସିଥିବା ସରଡାଖୋଲ ଗ୍ରାମର ପଞ୍ଚାୟତ ରାସ୍ତା ଉପରେ ବସି ରହି ଗଣଧାରଣା ଦେଇଛନ୍ତି। ବୁଧବାର ଗ୍ରାମବାସୀଙ୍କ ଗଣଧାରଣା ଥିଲା ଦ୍ୱିତୀୟ ଦିନ। ଆଜିର ଗଣଧାରଣା ଥିଲା ଭିନ୍ନ ଧରଣର। ଛାତ୍ରୀଛାତ୍ର ବିଦ୍ୟାଳୟକୁ ନ ଯାଇ ଧାରଣାରେ ସାମିଲ ହୋଇଥିବା ଦେଖିବାକୁ ମିଳିଛି। ଦ୍ୱିତୀୟ ଦିନ ଧାରଣାରେ ବିଜେଡି ଜିଲା ଉପସଭାପତି ପ୍ରଦୀପ କୁମାର ସାହୁ ଯୋଗ ଦେଇ ସମର୍ଥନ ଜଣାଇଥିବା ଜଣାପଡିଛି। ଫଳରେ ପ୍ରଶାସନ କ୍ରସର ଓ ପଥରକ୍ୱାରୀ ବନ୍ଦ ପାଇଁ ନିଷ୍ପତ୍ତି ନ ନେବା ପର୍ଯ୍ୟନ୍ତ ଏହି ଗଣାଧାରଣା ଅନିର୍ଦ୍ଦିଷ୍ଟ କାଳ ପାଇଁ ଚାଲିବ ବୋଲି ଚେତାବନୀ ଦେଇଛନ୍ତି। ପ୍ରଶାସନ ଠିକ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏହି ଗଣଧାରଣା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲୁରହିବ ବୋଲି ଗ୍ରାମକମିଟି ସଭାପତି ଅକ୍ଷୟ ନାଏକ, ବୃନ୍ଦାବନ ଦେହୁରୀ, ହୃଦାନନ୍ଦ ଦେହୁରୀ, ରଞ୍ଜନ ବଗର୍ତ୍ତୀ, ସୁକୃତା ଭୋଇ ଓ ତିଳୋତମା କହଁର ପ୍ରକାଶ କରିଛନ୍ତି।

# ୧୧ରୁ ବୌଦ୍ଧରେ ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍

**ବୌଦ୍ଧ,୨।୧୧ (ସ୍ୱ.ପ୍ର.)**



ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ନେଇ ଖବରଦାତା ସମ୍ମିଳନୀରେ ସଂଘର କର୍ମକର୍ତ୍ତା ମଞ୍ଚାସୀନ।

ବୌଦ୍ଧ ଜିଲା ବ୍ୟାଡମିଣ୍ଟନ ସଂଘ ପକ୍ଷରୁ ପ୍ରତିବର୍ଷ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ପ୍ରତିଯୋଗିତା ହୋଇଆସୁଥିବାବେଳେ ଚଳିତବର୍ଷ ୧୯ ବର୍ଷରୁ କମ ବୟସ ଖେଳାଳିଙ୍କୁ ନେଇ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ପ୍ରତିଯୋଗିତା ହେବାକୁ ଯାଉଛି। ଏନେଇ ବୁଧବାର ଜିଲା ବ୍ୟାଡ୍‌ମିଣ୍ଟନ ସଂଘ ପକ୍ଷରୁ ମାରୱାଡି ଧର୍ମଶାଳାଠାରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଜିଲା ବ୍ୟାଡମିଣ୍ଟନ ସଂଘ ସଭାପତି ଜୁଲିୟସ ସିଜର ମହାକୁଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଖବରଦାତା ସମ୍ମିଳନୀରେ ରାଜ୍ୟ ବ୍ୟାଡମିଣ୍ଟନ ସଂଘର ସମ୍ପାଦକ ନିଳିନ କୁମାର, ରାଜ୍ୟ ସଂଘର କୋଷାଧ୍ୟକ୍ଷ ପ୍ରଦୀପ କୁମାର ମହାନ୍ତି, ବୌଦ୍ଧ ସଂଘର ସମ୍ପାଦକ ହୃଦାନନ୍ଦ ମିଶ୍ର ଓ ସଂଘର ଅର୍ଗାନାଇଜ ସମ୍ପାଦକ ସୁନ୍ଦର ପ୍ରକାଶ ମଞ୍ଚାସୀନ ଥିଲେ। ଅର୍ଗାନାଇଜ ସମ୍ପାଦକ ସୁନ୍ଦର ପ୍ରକାଶ ଚଳିତବର୍ଷ ଏହି ଟୁର୍ନାମେଣ୍ଟ ଆସନ୍ତା ୧୧ ରୁ ୧୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି କହିବା ସହ ଏଥିରେ ୧୯ ବର୍ଷରୁ କମ୍ ଖେଳାଳି ଭାଗ ନେବେ ବୋଲି ସୂଚନା ଦେଇଥିଲେ। ଏହି ଟୁର୍ନାମେଣ୍ଟ ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ସହଯୋଗରେ ଜିଲା ସଂଘ ଆୟୋଜନ କରୁଥିବା ନେଇ ସୂଚନା ଦେଇଥିଲେ। ରାଜ୍ୟ ସଂଘ ସଭାପତି ନିଳିନ କୁମାର କହିଥିଲେ, ବୌଦ୍ଧର ଥିବା ଇନ୍‌ଡୋର ଷ୍ଟାଡିୟମରେ ଏହି ଖେଳ ହେବ। ଏଥିରେ ରାଜ୍ୟର ୩୦ ଜିଲାର ମହିଳା ଓ ପୁରୁଷ ଖେଳାଳି ଭାଗ ନେବେ। ଖବରଦାତା ସମ୍ମିଳନୀ ସମୟରେ ବୌଦ୍ଧ ବ୍ୟାଡମିଣ୍ଟନ ସଂଘର ବଦ୍ରିନାରାୟଣ ମିଶ୍ର,ଉପଦେଷ୍ଟା ଲମ୍ବୋଦର ପୁରୋହିତ, ବିଘ୍ନେଶ ଅଗ୍ରୱାଲା, ପରେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ବରଗଡ଼ ଧନୁଯାତ୍ରା, ୧୦ରେ କଂସ ଚୟନ

**ବରଗଡ଼ ଅଫିସ୍,୨।୧୧**

- ୧୧ ଚରିତ୍ର ପାଇଁ ୨୧୯ ଆଶାୟୀ କଳାକାର
- କଂସ ଚରିତ୍ର ପାଇଁ ସର୍ବାଧିକ ୫୬ କଳାକାର
- ଏଲିଙ୍କ ସମେତ ୪ ଆଶାୟୀ ଯାଞ୍ଚରେ କଟିଲେ

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ଆସନ୍ତା ଡିସେମ୍ବର ୨୭ରୁ ଆରମ୍ଭ ହୋଇ ୨୦୨୩ ଜାନୁୟାରୀ ୬ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥର ଧନୁଯାତ୍ରା ୭୫ବର୍ଷରେ ପଦାର୍ପଣ କରୁଛି। ଫଳରେ ହୀରକ ଜୟନ୍ତୀ ପାଳନ ମହୋତ୍ସବର ଆକର୍ଷଣ ବୃଦ୍ଧି ପାଇଁ ସବୁଦିଗ ପ୍ରତି ଧନୁଯାତ୍ରା ମହୋତ୍ସବ ସମିତି ଗୁରୁତ୍ୱ ଦେଉଛି।

ଏହି କ୍ରମରେ ଏଥର ମୁଖ୍ୟ ଚରିତ୍ର କଂସ ସମେତ ଅନ୍ୟ ପାର୍ଶ୍ୱ ଚରିତ୍ର ପାଇଁ କଳାକାର ଚୟନ କରାଯାଉଛି। ଏଥିପାଇଁ ଗତ ମାସ ୩୧ତାରିଖରେ ଆବେଦନର ଶେଷ ଦିବସ ଥିଲା। ମଙ୍ଗଳବାର ଯାଞ୍ଚ ପ୍ରକ୍ରିୟା ସରିଯାଇ ଥିବାବେଳେ ବୁଧବାର ଚୟନ ପ୍ରକ୍ରିୟାରେ ଭାଗ ନେବାକୁ ଯୋଗ୍ୟ ଆବେଦନକାରୀଙ୍କ ତାଲିକା ପ୍ରକାଶ ପାଇଛି। ୧୧ଚରିତ୍ର ପାଇଁ ସମୁଦାୟ ୨୧୯ ଜଣ ଆଶାୟୀ କଳାକାର ଅଛନ୍ତି। କଂସ ଚରିତ୍ରରେ ସର୍ବାଧିକ ୫୬ କଳାକାର ରହିଛନ୍ତି। ମହାମନ୍ତ୍ରୀ ପାଇଁ ୨୨, ସାର୍ତ୍ତକୀ ୧୦, ଚାଣୁର ୧୯, ମୁଷ୍ଟିକ ୧୦, ଅକ୍ରୁର ୧୭, ଉଗ୍ରସେନ ୭, ବସୁଦେବ ୧୯, ଦେବକୀ ୮, ନାରଦ ୧୩ ଏବଂ ସେନାପତି ପାଇଁ ୩୭ ଜଣ ଆଶାୟୀ କଳାକାର ରହିଛନ୍ତି। ଯାଞ୍ଚ ପରେ ଆବେଦନକାରୀଙ୍କ ମଧ୍ୟରୁ କେବଳ କଂସ ଚରିତ୍ରର ୪ ଆଶାୟୀ ବାଦ୍ ପଡ଼ିଛନ୍ତି। ସେମାନଙ୍କ ମଧ୍ୟରେ ବରଗଡ଼ ଧନୁଯାତ୍ରାରେ ସର୍ବାଧିକ ୨୩ଥର କଂସ ଅଭିନୟ କରିଥିବା ଗୋପାଳ ସାହୁ (ଏଲି) ରହିଛନ୍ତି। ଏଥର ଆଶାୟୀ କଳାକାରଙ୍କ ବୟସସୀମା ସର୍ବାଧିକ ୬୦ବର୍ଷ ରଖାଯାଇଥିବାରୁ ବୟସାଧିକ୍ୟ କାରଣରୁ ଯାଞ୍ଚ ପ୍ରକ୍ରିୟାରେ ସେମାନେ ବାଦ୍ ପଡ଼ିଥିବା ସୂଚନା ମିଳିଛି।

ସେହିପରି କଳାକାର ଚୟନ ତାରିଖ ମଧ୍ୟ ନିର୍ଦ୍ଧାରଣ କରାଯାଇଛି। ଧନୁଯାତ୍ରା ମହୋତ୍ସବ ସମିତିର ସୂଚନା ଅନୁଯାୟୀ, ଏଥର ୧୧ ଚରିତ୍ର ପାଇଁ କଳାକାର ଚୟନ କରାଯାଉଛି। ଚୟନ ପ୍ରକ୍ରିୟା ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ କରାଯିବ। ଯୋଗ୍ୟ ଆବେଦନକାରୀ ତଥା ଆଶାୟୀ କଳାକାରମାନେ ବିଚାରକ ମଣ୍ଡଳୀ ସମ୍ମୁଖରେ ସେମାନଙ୍କ ପାରଦର୍ଶିତା ପ୍ରଦର୍ଶନ କରିବେ। ଏହି କ୍ରମରେ ଆସନ୍ତା ୭ତାରିଖ ପୂର୍ବାହ୍ନ ୧୦ଟାରୁ ଉଗ୍ରସେନ, ବସୁଦେବ, ଦେବକୀ, ଅପରାହ୍ନ ଅଢ଼େଇଟାରୁ ନାରଦ, ସେନାପତି, ୯ତାରିଖ ପୂର୍ବାହ୍ନ ୧୦ଟାରୁ ଚାଣୁର, ମୁଷ୍ଟିକ, ଅପରାହ୍ନ ଅଢ଼େଇଟାରୁ ମହାମନ୍ତ୍ରୀ, ଅକ୍ରୁର, ସାର୍ତ୍ତକୀ ଚରିତ୍ର ପାଇଁ କଳାକାର ଚୟନ କରାଯିବ। ସେହିପରି ୧୦ତାରିଖ ପୂର୍ବାହ୍ନ ୧୦ଟାରୁ ମୁଖ୍ୟ ଚରିତ୍ର କଂସ ଚୟନ କରାଯିବ ବୋଲି ଧନୁଯାତ୍ରା ମହୋତ୍ସବ ସମିତି ପକ୍ଷରୁ ସୂଚନା ଦିଆଯାଇଛି ।

